# ୧୬ ବର୍ଷ ଧରି ସିଂହଗାଁ କଣ୍ଟିଆନାଳ ସେତୁ କାମ ଅଟକିଛି

**ପଟ୍ଟାମୁଣ୍ଡାଇ,୧୫।୯(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକର ୩୧ଟି ପଞ୍ଚାୟତ ମଧ୍ୟରୁ ସିଂହଗାଁ ଏକ ମାତ୍ର ପଞ୍ଚାୟତ ଯାହାକି ସ୍ୱାଧୀନତାର ୭୫ବର୍ଷ ପରେ ମଧ୍ୟ ବ୍ଲକ ସଦର ମହକୁମା ସହ ସଂଯୋଗ ହୋଇପାରିନାହିଁ। ସିଂହଗାଁ ପଞ୍ଚାୟତକୁ ସଦର ମହକୁମା ସହ ସଂଯୋଗ ପାଇଁ ଦୀର୍ଘ ୧୬ ବର୍ଷ ତଳେ କଣ୍ଟିଆନାଳ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତାହା ଅଦ୍ୟାବଧି ଅଧାରେ ଅଟକ ରହିଛି। ଫଳରେ ସିଂହଗାଁ ପଞ୍ଚାୟତ ଏବେବି ଅବହେଳିତ ହୋଇ ପଡିରହିଛି। ଏଥିଯୋଗୁ ୩ ରାଜସ୍ୱ ଗାଁର ଅଧିବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ବିପଦପୂର୍ଣ୍ଣ ଭାବେ ଡଙ୍ଗା ଦ୍ୱାରା ନାଳ ପାର ହେବାକୁ ପଡୁଛି।

ଏ ସମ୍ପର୍କରେ ସିଂହଗାଁର ପୂର୍ଣ୍ଣଚନ୍ଦ୍ର ନାୟକ କୁହନ୍ତି, ଏହି କଣ୍ଟିଆ ନାଳ ସେତୁ ନିର୍ମାଣ ହେଲେ ସିହଂଗାଁ ପଞ୍ଚାୟତର ସିଂହଗାଁ, ନୂଆପାଟଣା, ସାନରାଉଳିଆ ଓ ବଡରାଉଳିଆ ଗାଁଗୁଡିକୁ ସବୁଦିନିଆ ଗମନାଗମନ ସୁବିଧା ସମ୍ଭବ ହେବ। ଏହାଦ୍ୱାରା ଆଳି ବ୍ଲକର ଏରଡଙ୍ଗ ଓ ପାଳିମି ପଞ୍ଚାୟତର ଦୂରତା କେନ୍ଦ୍ରାପଡ଼ାଠାରୁ ୨୫ କି.ମି. କମିବ। ସହରଠାରୁ ସିଂହଗାଁ ମାତ୍ର ୨୬ କି.ମି. ଦୂର। ଏଠାରେ ପ୍ରସୂତିଙ୍କ ପାଇଁ ୧୦୨ ଆମ୍ବୁଲାନ୍ସ ସେବା ଏବେ ବି ଅପହଞ୍ଚ। ଗର୍ଭବତୀ ଭାର ସାହାଯ୍ୟରେ ୧୦ କି.ମି. ଦୂର ଅଣ୍ଣରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଥବା ୨୨ କି.ମି. ଦୂର ଆଳି ସିଏଚସିକୁ ଯାଉଛନ୍ତି। ସିଂହଗାଁ, ରାଉଳିଆଡ଼ିଆ ଓ କୃଷ୍ଣଦାସପୁର ରାଜସ୍ୱ ଗ୍ରାମରେ ଅଗ୍ନିକାଣ୍ଡ ଘଟିଲେ ଦମକଳ ପହଞ୍ଚି ପାରୁନାହିଁ। କେବଳ ଏତିକି ନୁହେଁ, ଏହି ୩ ରାଜସ୍ୱ ଗ୍ରାମର ଛାତ୍ରୀଛାତ୍ର ନିକଟସ୍ଥ ବ୍ରାହ୍ମଣୀ କଲେଜକୁ ଯିବାକୁ କଣ୍ଟିଆ ନାଳ ବାଧା ସୃଷ୍ଟି କରୁଛି। ବର୍ଷକ ମଧ୍ୟରେ ପ୍ରାୟ ୮ ମାସ ଧୋୟାଞ୍ଚଳରେ ଥିବା ଏହି ୩ ରାଜସ୍ୱ ଗ୍ରାମର ଅଧିବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ସାମାଜିକ କର୍ମୀ ନରେନ୍ଦ୍ର ଧଳ କହିଛନ୍ତି, କଣ୍ଟିଆ ନାଳ ସେତୁ ନିର୍ମାଣ ଜାତୀୟ ଜଳପଥ ୫ ବାଧକ ସାଜିଛି। ୨୦୦୮ରେ ଭାରତୀୟ ଆନ୍ତଦେଶୀୟ ଜଳପଥ ପ୍ରାଧୀକରଣ ଅଧୀନରେ ଥିବା ୬୨୩ କି.ମି. ଲମ୍ବର ୫ ନଂ. ଜାତୀୟ ଜଳପଥ ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା। ଏଥିମଧ୍ୟରୁ ପଶ୍ଚିମବଙ୍ଗରେ ୯୧ କି.ମି. ଥିବା ବେଳେ ଓଡ଼ିଶାରେ ଅବଶିଷ୍ଟ ୫୩୨ କି.ମି. ରହିଛି। ଏହି ଜଳପଥ ପ୍ରକଳ୍ପ କେତେକ କାରଣରୁ ନିର୍ମାଣ ବନ୍ଦ ହୋଇଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟ ଅଭାବରୁ ଏହାର ଅଗ୍ରଗତି ହୋଇପାରୁନାହିଁ। ଏହି ଜଳପଥ ମଧ୍ୟରେ ସିଂହଗାଁ କଣ୍ଟିଆ ନାଳ ଅନ୍ତର୍ଭୁକ୍ତ ହୋଇଛି। ଏଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୦୮ରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଏହି ସେତୁ ନିର୍ମାଣ ସମୟରେ ଜାତୀୟ ଜଳପଥ ଅନ୍ତର୍ଭୁକ୍ତ ହେବାରୁ ତାହା ବନ୍ଦ ହୋଇଛି। ସିଂହଗାଁର ପୂର୍ବତନ ସରପଞ୍ଚ ନିର୍ମଳ ଚନ୍ଦ୍ର ଜେନା କହିଛନ୍ତି, ଏହି ସେତୁ ନିର୍ମାଣ ପରେ ୩ ରାଜସ୍ୱ ଗ୍ରାମର ୫ ହଜାରରୁ ଅଧିକ ଅଧିବାସୀଙ୍କ ସମସ୍ୟା ସମାଧାନ ହେବ। ୨୦୦୮ରେ ସେତୁ ନିର୍ମାଣ ପାଇଁ କେତେକ ଜମି ସମସ୍ୟା ଦେଖାଦେଇଥିଲା। ୨୦୧୨ରେ ସରପଞ୍ଚ ଦାୟିତ୍ୱ ନେବା ପରେ ସ୍ଥାନୀୟ ଲୋକଙ୍କ ସହ ବୁଝାମଣା କରି ଜମି ଅଧିଗ୍ରହଣ ସମସ୍ୟାର ସମାଧାନ ହୋଇଛି। ପରେ ସେତୁ ନିର୍ମାଣ ବିଳମ୍ବକୁ ବରଦାସ୍ତ କରା ନ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବାରମ୍ବାର ଆନ୍ଦୋଳନ ହୋଇଛି। କଣ୍ଟିଆ ନାଳରେ ଏବେ କୁମ୍ଭୀର ଆତଙ୍କ ଦେଖାଦେଇଛି। ସେତୁ ନିର୍ମାଣ ହୋଇଥିଲେ ସ୍ଥାନୀୟ ଲୋକଙ୍କ କୁମ୍ଭୀର ଆତଙ୍କ କମି ଥାନ୍ତା। ପୂର୍ବତନ ସରପଞ୍ଚ ଜୟନ୍ତୀ ଦାସ କହିଛନ୍ତି, ସିହଗାଁ ସେତୁ ନିର୍ମାଣ ପଞ୍ଚାୟତର ଉନ୍ନୟନ କାର୍ଯ୍ୟକୁ ବାଧା ସୃଷ୍ଟି କରିଛି। ଆବାସ ଯୋଜନାଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପାନୀୟ ଜଳ ଆଦି ମୌଳିକ ସୁବିଧା ଲୋକଙ୍କ ପାଇଁ କାର୍ଯ୍ୟକାରୀ ହୋଇପାରୁନାହିଁ। ଜଳପଥ ପ୍ରକଳ୍ପ ବନ୍ଦ ହୋଇଥିବାରୁ ରାଜ୍ୟ ସରକାର ଏହି ସେତୁ ନିର୍ମାଣକୁ ଗୁରୁତ୍ୱ ଦେବା କଥା। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ସେତୁ ପାଇଁ ପ୍ରାଥମିକ ଅବସ୍ଥାରେ ବାଧା ସୃଷ୍ଟି କରୁଥିବା ଜମି ସମସ୍ୟାର ସମାଧାନ ହୋଇଛି। ଏହି ସ୍ଥାନ ଦେଇ ଜାତୀୟ ଜଳପଥ ଯାଉଥିବାରୁ ସିଂହଗାଁ ସେତୁ ନିର୍ମାଣ ବିଳମ୍ବ ହୋଇଛି। ତେବେ ଏହାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି ବୋଲି ସେ କହିଛନ୍ତି।



କଣ୍ଟିଆନାଳ ନାଳରେ ସେତୁ ନ ଥିବାରୁ ଲୋକମାନେ ଡଙ୍ଗାରେ ପାର ହେଉଛନ୍ତି ।

**୩ ରାଜସ୍ୱ ଗ୍ରାମ ଅଧିବାସୀ ମୌଳିକ ସୁବିଧାରୁ ବଞ୍ଚିତ**

## ସଂକ୍ଷେପରେ

### ଆଥ୍‌ଲେଟିକ ଚାମ୍ପିୟନଶିପରେ ଲିଜାଙ୍କୁ ବ୍ରୋଞ୍ଜ ପଦକ





କେନ୍ଦ୍ରାପଡ଼ା ଅଫିସ, ୧୫।୯: କେନ୍ଦ୍ରାପଡା ବ୍ଲକ ତରାଣ୍ଡୋ ଗ୍ରାମର ଲିଜାରାଣୀ ବେହେରା ୩୩ତମ ଇଷ୍ଟ ଜୋନ ଜୁନିୟର ଆଥ୍‌ଲେଟିକ ଚାମ୍ପିୟନଶିପରେ ଭାଗ ନେଇଥିଲେ। ଏଥିରେ ଲିଜାଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ସେ ୫ ହଜାର ମିଟର ଚାଲି ପ୍ରତିଯୋଗିତାକୁ ୩୧ ମିନିଟ୍ ମଧ୍ୟରେ ଶେଷ କରିଛନ୍ତି। ବିହାର ରାଜ୍ୟ ପାଟଣାସ୍ଥିତ ପାଟଳିପୁତ୍ର ସ୍ପୋର୍ଟସ କମ୍ପ୍ଲେକ୍ସରେ ଗତ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିଥିଲା। ଏଥିରେ ପୂର୍ବାଞ୍ଚଳ ସମସ୍ତ ରାଜ୍ୟ ଭାଗ ନେଇଥିଲେ। ବ୍ରୋଞ୍ଜ ପଦକ ବିଜୟିନୀ ଲିଜା ଏବେ ଭୁବନେଶ୍ୱରସ୍ଥ ସ୍ପୋର୍ଟସ ହଷ୍ଟେଲରେ ପ୍ରଶିକ୍ଷଣ ନେଉଥିବା ବାପା ଏକାଦଶୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ଅଧାପକ ଶର୍ମା ଥିଲେ ମହାବିଦ୍ୟାଳୟର ଏକ ଅଙ୍ଗ

କେନ୍ଦ୍ରାପଡା ଅଫିସ, ୧୫।୯: କେନ୍ଦ୍ରାପଡ଼ା ଜିଲା ଚଉଦକୁଳାଟସ୍ଥ ସ୍ୱାମୀ ବିବେକାନନ୍ଦ ମାନବ ସମ୍ବଳ ବିକାଶ ଉଚ୍ଚ ବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ରବି ରଞ୍ଜନ ଶର୍ମା କାର୍ଯ୍ୟକ୍ଷେତ୍ରରୁ ଅବସର ନେଇଛନ୍ତି। ଏହି ଉପଲକ୍ଷେ ଉଚ୍ଚ ବିଦ୍ୟାଳୟ ପରିସରରେ ଅଧକ୍ଷ ଅନାଦିଚରଣ ପାଲିତଙ୍କ ଅଧକ୍ଷତାରେ ଏକ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧାପିକା ପୁଷ୍ପାଞ୍ଜଳି ବେହେରା, ଅଧାପିକା ସ୍ମିତା ବିଶ୍ୱାଳ, ଅଧାପକ ଚନ୍ଦ୍ରଭାନୁ ନାଥ, ଅଧାପକ ପ୍ରଶାନ୍ତ କୁମାର ବେହେରା, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଦାସ, କ୍ରୀଡା ଶିକ୍ଷକ ପ୍ରମେଶ ଚନ୍ଦ୍ର ରାଉତ ପ୍ରମୁଖ ବିଦାୟୀ ଅଧାପକ ଶର୍ମାଙ୍କ ସମ୍ପର୍କରେ ମତ ରଖିଥିଲେ। ସେମାନେ କହିଥିଲେ, ଉଚ୍ଚ ବିଦ୍ୟାଳୟ ପାଇଁ ଅଧାପକ ଶର୍ମା ଏକ ଅଙ୍ଗ ହୋଇ ରହିଥିଲେ। ତାଙ୍କର କର୍ତ୍ତବ୍ୟ ପରାୟଣତା ମଧ ଛାତ୍ରୀଛାତ୍ରଙ୍କ ପାଇଁ ଆଦର୍ଶ। ଅବସର ସମୟ ସୁଖ ଶାନ୍ତି ମିଳିବା କାମନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଲାଇବ୍ରେରିଆନ ନିରଞ୍ଜନ ପଣ୍ଡା, କିରାଣି ମହମ୍ମଦ ସମିଉଲ୍ଲାଙ୍କ ସହ ଉଚ୍ଚ ବିଦ୍ୟାଳୟର କର୍ମଚାରୀମାନେ ପରିଚାଳନା କରିଥିଲେ।

# ଭାଲୁକୁଣୀ ଭସାଣିକୁ ନେଇ ଗୋଷ୍ଠୀ ସଂଘର୍ଷ

**ଉଭୟପକ୍ଷରୁ ୯ ଗୁରୁତର, ଘଟଣାସ୍ଥଳରେ ପୋଲିସ ମୁତୟନ**

**ଡେରାବିଶ, ୧୫।୯(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତର ପାଣିଓଳା ଗାଁର ବୁଧବାର ଦଳିତ ସାହିରେ ଭାଲୁକୁଣୀ ଭସାଣିକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୯ ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ତେବେ ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ଚାନ୍ଦୋଳ ଫାଣ୍ଡି ପକ୍ଷରୁ ପୋଲିସ ମୁତୟନ କରାଯାଇଛି। ଏ ସମ୍ପର୍କରେ ଉଭୟ ଗୋଷ୍ଠୀ ପକ୍ଷରୁ ପରସ୍ପର ବିରୋଧରେ ଥାନାରେ ଏତଲା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ପ୍ରକାଶ ପାଣିଓଳା ଦଳିତ ସାହିର ଦୁଇଟି ସ୍ଥାନରେ ଭାଲୁକୁଣୀ ପୂଜା ଅନୁଷ୍ଠିତ ହୋଇଥିଲା। ସୋମବାର ଏକ ଗୋଷ୍ଠୀ ପକ୍ଷରୁ ଭାଲୁକୁଣୀଙ୍କୁ ରୋଷଣୀ କରି ରାସ୍ତାରେ ନେଉଥିବା ବେଳେ ଅପରଗୋଷ୍ଠୀ ସହ କୌଣସି କାରଣରୁ ଝଗଡ଼ା ହୋଇଥିଲା। ପରେ ଅନ୍ୟ ଗୋଷ୍ଠୀ ପକ୍ଷରୁ ସେମାନଙ୍କ ମେଢ଼କୁ ବୁଧବାର ବିଳମ୍ବିତ ରାତିରେ ରୋଷଣୀ କରି ଭସାଣି କରିବାକୁ ନେଉଥିଲେ। ପୂର୍ବ ରାଗ ଯୋଗୁ ତାଙ୍କୁ ରାସ୍ତାରେ ଅଟକାଇ ପାଖରେ ଥିବା ଷ୍ଟ୍ରିଟ୍ ଲାଇଟ୍ ଲିଭାଇ ଟେକାପଥର ମାଡ଼ କରିବାରୁ ଜୁଲୁ ମଳିକଙ୍କ ସମେତ ଅନ୍ୟ ଦୁଇଜଣ ଗୁରୁତର ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅପରପକ୍ଷରେ ସୋମବାର ଭସାଣି କରିଥିବା ଗୋଷ୍ଠୀର ଉମାକାନ୍ତ ମଳିକ, ବାନାମ୍ବର ମଳିକ ଓ ମନୋଜ ମଳିକଙ୍କୁ ବୁଧବାର ରାତିରେ ମାରଣାସ୍ତ୍ର ସାହାଯ୍ୟରେ ଅପରଗୋଷ୍ଠୀର ସଦସ୍ୟମାନେ ଗୁରୁତର କରିଥିବା ଚାନ୍ଦୋଳ ଫାଣ୍ଡିରେ ଗୁରୁବାର ଅଭିଯୋଗ ହୋଇଛି। ହେଲେ ଏହି ସମସ୍ୟା ସମାଧାନ ହେବା ପୂର୍ବରୁ ଗୁରୁବାର ମଧ୍ୟାହ୍ନରେ ବୁଧବାର ଭସାଣି କରିଥିବା ଗୋଷ୍ଠୀ ଗାଁ ଛକରେ ଥିବା ଦୁଇଟି କ୍ୟାବିନ୍‌କୁ ଭାଙ୍ଗି ସାମଗ୍ରୀ ଲୁଟ କରିବା ସହିତ ଦୋକାନ ମାଲିକ କବିନ୍ଦ୍ର ମଲ୍ଲିକ ତାଙ୍କ ସ୍ତ୍ରୀ ଓ ଲକ୍ଷ୍ମଣ ମଲ୍ଲିକଙ୍କୁ ଆକ୍ରମଣ କରି ଗୁରୁତର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଯେଉଁଥିପାଇଁ ଗାଁରେ ଉତ୍ତେଜନା ଲାଗି ରହିଛି। ରାତିରେ କୌଣସି ଅଘଟଣ ଆଶଙ୍କାରେ ଉଭୟପକ୍ଷର ବହୁ ଲୋକ ଘର ଛାଡ଼ି ସମ୍ପର୍କୀୟଙ୍କ ଘରକୁ ପଳାଇ ଯାଉଛନ୍ତି। ଏ ସମ୍ପର୍କରେ ଚାନ୍ଦୋଳ ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀ ଉଭୟପକ୍ଷର ଏତଲାକୁ ଗ୍ରହଣ କରି ତଦନ୍ତ ଜାରି ରଖିଛନ୍ତି। ଘଟଣା ସ୍ଥଳର ଉତ୍ତେଜନା ପ୍ରଶମିତ କରିବାକୁ ପୋଲିସ ମୁତୟନ ସହ ପାଟ୍ରୋଲିଂ ଜାରି ରହିଥିବା କହିଛନ୍ତି।





ଗୋଷ୍ଠୀ ସଂଘର୍ଷରେ ଆହତ ହୋଇଥିବା ବ୍ୟକ୍ତିମାନେ ।

# ବିଚାରଧାରା ପ୍ରବାହିତ ଯାଏଁ ବ୍ୟକ୍ତି ମରେ ନାହିଁ

**କେନ୍ଦ୍ରାପଡ଼ା ଅଫିସ, ୧୫।୯**

ଜନ୍ମ ହେଲେ ମୃତ୍ୟୁ ନିଶ୍ଚିତ। ତେବେ ବିଚାରଧାରା ସମାଜରେ ପ୍ରବାହିତ ହେଉଥିବା ଯାଏ କୌଣସି ବ୍ୟକ୍ତି ମରି ନ ଥାଏ ବୋଲି ଗୁରୁବାର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳଙ୍କ ଦ୍ୱିତୀୟ ଶ୍ରାଦ୍ଧ ଦିବସ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ମତ ଦେଇଛନ୍ତି। ସହରର ବ୍ଲକ ଛକସ୍ଥ ଏକ କଲ୍ୟାଣ ମଣ୍ଡପରେ ଅନାମବନ୍ଧୁ ଧଳ ସ୍ମୃତି କମିଟିର ଆବାହକ ଭଜକୃଷ୍ଣ ରାଉତଙ୍କ ଅଧ୍ୟକ୍ଷତାରେ ଏହି ସଭା ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଶଶିଭୂଷଣ ବେହେରା, ଜିଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡା, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ପୌରାଧ୍ୟକ୍ଷା ସରିତା ସାହୁ, ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ଯୁବନେତା ରାଜେଶ ପଣ୍ଡା, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷା ମମତାରାଣୀ ଧଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ଜ୍ୟୋତ୍ସ୍ନାରାଣୀ ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଧଳଙ୍କ ସ୍ମୃତି ଚାରଣ କରିଥିଲେ। ସେମାନେ କହିଥିଲେ, ସାଧାରଣ ଲୋକଙ୍କ ସହ ରହି ରାଜନୈତିକ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ୟାର ସମାଧାନ କରିବା ଏତେ ସହଜ ନୁହେଁ। ପ୍ରତ୍ୟେକ ଦିନ ନୂଆ ସମସ୍ୟାର ସମ୍ମୁଖୀନ ହେବା ସହ ଏହାର ସମାଧାନ କରିବାକୁ ପଡିବ। ଏଥିପାଇଁ କେବଳ ପଦବୀ ନୁହେଁ, ଲୋକଙ୍କ ସମସ୍ୟା ଶୁଣିବାକୁ ଧୈର୍ଯ୍ୟ ଆବଶ୍ୟକ। ଏହି ଗୁଣ ସ୍ୱର୍ଗତ ଧଳଙ୍କ ନିକଟରେ ଥିବାରୁ ସମସ୍ତଙ୍କ ପାଇଁ ଆଦର୍ଶ ହୋଇଛନ୍ତି। ଏହି ଅବସରରେ ଓଡ଼ିଶା ମୋ ପରିବାର ପକ୍ଷରୁ ଜିଲା ସଂଯୋଜକ ହିରଣ୍ୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୫୮ ୟୁନିଟ ରକ୍ତ ସଂଗ୍ରହ କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ ବ୍ୟାଙ୍କକୁ ଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଧୀରେନ ସାହୁ, ଅସିତବନ୍ଧୁ ଧଳ, ବିଜୟ କୁମାର ମଣ୍ଡଳ, ଶକ୍ତିକାନ୍ତ ପାତ୍ର, ସାହେବସାହିଲ ରାଉତ ପ୍ରମୁଖ ପରିଚାଳନା କରିଥିଲେ।





ସଭାରେ ଉପସ୍ଥିତ ଅତିଥିମାନେ।

# ମଧ୍ୟାହ୍ନଭୋଜନ ଖାଇବାକୁ ଗୃହ ନାହିଁ, ରାସ୍ତାରେ ଖାଉଛନ୍ତି ପିଲା

**ଆଳି,୧୫।୯(ଡି.ଏନ.ଏ.)**

ରାଜ୍ୟ ସରକାର ବିଦ୍ୟାଳୟର ଭିତ୍ତିଭୂମି ସଜାଡ଼ିବା ନିମନ୍ତେ ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଅନେକ ସ୍ଥାନରେ ବ୍ୟତିକ୍ରମ ଦେଖାଯାଉଛି। ସରକାର ଛାତ୍ରୀଛାତ୍ରମଙ୍କ ପାଠ ପଢା ନିମନ୍ତେ ମଡେଲ ଶ୍ରେଣୀ କକ୍ଷ କରୁଥିବା ବେଳେ ଲାଇବ୍ରେରି, ୨କମ୍ପ୍ୟୁଟର ଆଦି ଯୋଗାଇ ଦେଉଛନ୍ତି। ମଧ୍ୟାହ୍ନଭୋଜନ ଖାଇବା ନିମନ୍ତେ ସ୍ୱତନ୍ତ୍ର ଗୃହ ନିର୍ମାଣ କରାଯାଉଛି। ମାତ୍ର ମଧ୍ୟାହ୍ନ ଭୋଜନ ଗୃହ ନ ଥିବାରୁ ପିଲାମାନେ ଖୋଲା ଆକାଶ ତଳେ ରାସ୍ତାରେ ବସି ଖାଉଥିବା ଦେଖିବାକୁ ମିଳିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ପ୍ରକୃତି ମିତ୍ର ପୁରସ୍କୃତ ଆଳି ବ୍ଲକର ସହିରା ନୋଡାଲ ଉପ୍ରା ବିଦ୍ୟାଳୟରେ। ବିଦ୍ୟାଳୟର ପରିବେଶ ଅତ୍ୟନ୍ତ ମନୋରମ। ମାତ୍ର ଏଠାରେ ଗୋଟିଏ ବ୍ୟତିକ୍ରମ କି ଏଠାରେ ଛାତ୍ରୀଛାତ୍ରଙ୍କ ଖାଇବା ନିମନ୍ତେ ଗୃହ ନାହିଁ। କିଛିମାସ ପୂର୍ବରୁ ବିଡିଓ ଓ କନିଷ୍ଠ ଯନ୍ତ୍ରୀ ଖାଇବା କୋଠରୀ ନିର୍ମାଣ ନିମନ୍ତେ ବିଦ୍ୟାଳୟକୁ ଯାଇ ସ୍ଥାନ ନିରୂପଣ କରିଥିଲେ। ମାତ୍ର ଏଯାବତ ତାହା ହୋଇନି। ତୁରନ୍ତ ମଧ୍ୟାହ୍ନ ଭୋଜନ ଖାଇବା ଗୃହ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।



ଗୃହ ନ ଥିବାରୁ ମଧ୍ୟାହ୍ନଭୋଜନ ପିଲାମାନେ ରାସ୍ତାରେ ବସି ଖାଉଛନ୍ତି।

# ବ୍ୟାଙ୍କ କର୍ମଚାରୀଙ୍କ ଉପରକୁ ଫାଙ୍କା ଗୁଳି ଚାଳନା

**ମାର୍ଶାଘାଇ,୧୫।୯ (ଡି. ଏନ. ଏ. )**

**ଟଙ୍କା ନ ପାଇ ମୋବାଇଲ ନେଇଗଲେ**



ମାର୍ଶାଘାଇ ଥାନା ଅନ୍ତର୍ଗତ ଜାତୀୟ ରାଜପଥର କାନପୁର ଛକରେ ଦୁର୍ବୃତ୍ତମାନେ ଗୁରୁବାର ଫାଙ୍କା ଗୁଳି ଚାଳଇ ଜଣେ ଘରୋଇ ବ୍ୟାଙ୍କ କର୍ମଚାରୀଙ୍କଠାରୁ ଟଙ୍କା ନ ପାଇ ମୋବାଇଲ ଲୁଟି ନେଇଛନ୍ତି। କେନ୍ଦ୍ରାପଡ଼ା ସହରରେ ଥିବା ଏକ ଘରୋଇ ବ୍ୟାଙ୍କ ଆଇ.ଡି.ଏଫ.ସିର ଲୋନ ଅଫିସର ଭାବେ ଭଦ୍ରକ ଅଞ୍ଚଳର ରଘୁନାଥ ବେହେରା କାର୍ଯ୍ୟ କରନ୍ତି। ସେ ମଧ୍ୟାହ୍ନରେ ମାର୍ଶାଘାଇ ଥାନା ଅନ୍ତର୍ଗତ ତେରଗାଁକୁ ଉକ୍ତ ବ୍ୟାଙ୍କରୁ ଋଣ ନେବା ପାଇଁ ଆବେଦନ କରିଥିବା ବ୍ୟକ୍ତିଙ୍କ ପ୍ରମାଣପତ୍ର ଯାଞ୍ଚ କରିବାକୁ ଆସିଥିଲେ। ତେରଗାଁରୁ ସେ ଜାତୀୟ ରାଜପଥରେ କେନ୍ଦ୍ରାପଡ଼ାକୁ ଫେରୁଥିଲେ। ତାଙ୍କ ଉପରେ ନଜର ରଖିଥିବା ଦୁଇ ଜଣ ଦୁର୍ବୃତ୍ତ ଏକ କଳା ପଲସର ବାଇକ୍ ଯୋଗେ କେନ୍ଦ୍ରାପଡ଼ାରୁ ତାଙ୍କୁ ପଛା କରି ତେରଗାଁ ପର୍ଯ୍ୟନ୍ତ ଆସିଥିଲେ। ରାଜପଥର କାନପୁର ଛକ ନିକଟରେ ବେହେରା ଯାଉଥିବାବେଳେ ଦୁଇଜଣ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ବ୍ଲାଙ୍କ ଫାୟାରିଂ କରିଥିଲେ। ସେ ପଛକୁ ଫେରି ଚାହିଁଲା ବେଳକୁ ତାଙ୍କୁ ଅଟକାଇ ମୁଣ୍ଡରେ ବନ୍ଧୁକ ଲଗାଇ ଟଙ୍କା ମାଗିଥିଲେ। ସେ ଟଙ୍କା ଆଦାୟ ପାଇଁ ଯାଇ ନ ଥିଲେ କେବଳ କାଗଜପତ୍ର ଯାଞ୍ଚ ପାଇଁ ଯାଇଥିବା କହିବାରୁ ଦୁର୍ବୃତ୍ତ ଦ୍ୱୟ ତାଙ୍କ ମୋବାଇଲ ଫୋନ ଛଡାଇ ନେଇଥିଲେ। ଏ ସମ୍ପର୍କରେ ରଘୁନାଥ ମାର୍ଶାଘାଇ ଥାନାରେ ଏତଲା ଦେଇଥିଲେ। ପରେ ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ଏକ ଖାଲି ଖୋକା ଜବତ କରିଛି। ଥାନାରେ ନଂ. ୩୭୫/୨୨ରେ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲୁଥିବା ଆଇଆଇସି ଜ୍ୟୋତି ରଞ୍ଜନ ସାମନ୍ତରାୟ କହିଛନ୍ତି।

# ପ୍ରାଚୀନ ନୌବାଣିଜ୍ୟ ମୂକସାକ୍ଷୀ ଜରାଜୀର୍ଣ୍ଣ

**ମହାକାଳପଡ଼ା, ୧୫।୯ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଗୋବରୀ ନଦୀ କୂଳରେ ଜମ୍ବୁ ଦ୍ୱୀପ ଅଞ୍ଚଳର ପ୍ରାଚୀନ ଐତିହ୍ୟ ଲାଲ୍ କୋଠା ପ୍ରାଚୀନ ନୌବାଣିଜ୍ୟର ମୂକ ସାକ୍ଷୀ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଦିନ ଥିଲା ଏହି ଜମ୍ବୁ ଦ୍ୱୀପରେ ବିଶାଳ ବାଲୁକା ସ୍ତୁପରେ ଜାମୁ ଗଛଗୁଡିକ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ଏହି ସ୍ଥାନରେ ଜଣେ ବୃଦ୍ଧା ଜମ୍ବୁଆଣୀ ବୋଲି ଅବସ୍ଥାନ କରୁଥିଲେ। ଏହି ସ୍ଥାନକୁ ସୁରକ୍ଷିତ ମଣି ପ୍ରଥମେ ଇଷ୍ଟଇଣ୍ଡିଆ କମ୍ପାନୀ ଉପନିବେଶ ସ୍ଥାପନ କରିଥିଲା। ସେହି ସମୟରେ ଓଡ଼ିଶାରେ ଖାଦ୍ୟାଭାବ ଉତ୍କଟ ରୂପ ନେଉଥିଲା। ଓଡ଼ିଶାରୁ କମ୍ପାନୀ ବିପୁଳ ପରିମାଣରେ ମୂଲ୍ୟବାନ ସମ୍ପତ୍ତି ହାତେଇବାକୁ ଲକ୍ଷ୍ୟ ରଖି ଖାଦ୍ୟ ବଦଳରେ ଲୋକଙ୍କ ଲୁଟିବା ଆରମ୍ଭ କରିଥିଲା। କମ୍ପାନୀ ବିଦେଶରୁ ଖାଦ୍ୟ ସାମଗ୍ରୀ ଆମଦାନୀ କରି ଜମ୍ବୁ ଲାଲ୍ କୋଠା ଗୋଦାମ ଘରେ ଗଚ୍ଛିତ ରଖୁଥିଲା। ସଡ଼କ ପଥରେ ପରିବହନ ଗମନା ଗମନ ସୁବିଧା ନ ଥିବାରୁ ଜଳପଥରେ ପଣ୍ୟଦ୍ରବ୍ୟ କାରବାର ହେଉଥିଲା। ପରବର୍ତ୍ତୀ ସମୟରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତ କଟକର ଯୋବ୍ରା, ଚୌଦ୍ୱାର, ଚାନ୍ଦବାଲି, ବାଲେଶ୍ୱର, ଧାମରା, ଅସ୍ତରଙ୍ଗ, ପୁରୀ ଆଦି ଅଞ୍ଚଳକୁ ଷ୍ଟିମର ଯୋଗେ ଖାଦ୍ୟ ସାମଗ୍ରୀ ପରିବହନ କରାଯାଉଥିଲା।

କୁହାଯାଏ ଜମ୍ବୁ ଲାଲ୍ କୋଠାଟି ବଡ଼ ବଡ଼ ନାଲି ଇଟା, ଲାଖ, ଗୁଡ଼ ଓ ଚୂନରେ ନିର୍ମିତ ହୋଇଥିଲା। ଏହି ଦ୍ୱିତଳ ବିଶିଷ୍ଟ ଗୃହଗୁଡ଼ିକ ଖୁବ୍ ଉଚ୍ଚ ଓ ଓସାର ରହିଛି। ଛାତଗୁଡ଼ିକ ବିଶାଳ ଲୁହା ବିମ୍, ଶାଗୁଆନ କାଠ ଓ ସ୍ଲାବରେ ବଡ଼ ବଡ଼ କୋଠରି ନିର୍ମିତ ହୋଇଥିଲା। ଏହି ଗୃହର ଉପର ମହଲାରେ ବିଶ୍ରାମ କକ୍ଷ ଓ ତଳ ମହଲାରେ ଗୋଦାମ ଗୃହ ଥିଲା। ୧୮୩୬ରେ ବତିଘର ଫଲ୍‌ସ ପଏଣ୍ଟ ଓ ହୁକିଟୋଲା ଗୃହ ନିର୍ମାଣର ବହୁ ପୂର୍ବରୁ ଇଷ୍ଟ ଇଣ୍ଡିଆ କମ୍ପାନୀ ଜମ୍ବୁଠାରେ ଉକ୍ତ ଲାଲ୍ କୋଠା ନିର୍ମାଣ କରିଥିଲା। ଅଦ୍ୟାବଧି ଏହି ଗୃହ ଜରାଜୀର୍ଣ୍ଣ ହୋଇପଡ଼ିଛି। ଛାତ, କାନ୍ଥଗୁଡ଼ିକରେ ଗଛ ଲତା ମାଡ଼ି ରହିଛି। ବଡ଼ ବଡ଼ ସାମୁଦ୍ରିକ ଝଡ଼ ତୋଫାନରେ ଏହି ଗୃହର କିଛି ଅଂଶ ଫାଟିବା ସହ ଦୁର୍ବଳ ହୋଇଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଗୃହର ପୁନରୁଦ୍ଧାର ପାଇଁ ନାର୍ବାଡ ସହାୟତାରେ ୨୦୧୪/୧୫ ମସିହାରେ ଉଦ୍ୟମ କରିଥିଲା। ହେଲେ ଗୃହ ଅସୁରକ୍ଷିତ ଥିବାରୁ ଏହାର କାମ ବନ୍ଦ କରାଯାଇଥିଲା। ଗୃହଟି ଜରାଜୀର୍ଣ୍ଣ ହେବା ପରେ ସ୍ଥାନୀୟ ଅଞ୍ଚଳର କେତେଜଣ ଦୁର୍ବୃତ୍ତ ଝରକା, କବାଟ, ଲୁହା କଡି ଓ ଅନ୍ୟ ସାମଗ୍ରୀ ଲୁଟି ନେଇଥିଲେ। ଏହି ବିଶାଳ ଗୃହକୁ ଲାଗି ରହିଛି ନିକଟ ଜମ୍ବୁ ସରକାରୀ ଉଚ୍ଚ ବିଦ୍ୟାଳୟ। କିଛିବର୍ଷ ପୂର୍ବେ ଏହି ଗୃହରେ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଖେଳୁଥିବା ବେଳେ କୋଠାର କିଛି ଅଂଶର କଂକ୍ରିଟ ସ୍ଲାବ ଭୁଶୁଡ଼ି ପଡ଼ିଥିଲା। ପିଲାମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହି ପ୍ରାଚୀନ ନୌବାଣିଜ୍ୟ ଲାଲ୍ କୋଠା ନିର୍ମିତ ସମ୍ପର୍କରେ ସ୍ଥାନୀୟ ଜମ୍ବୁ ପଞ୍ଚାୟତ ସରପଞ୍ଚ ତଥା ପ୍ରାକ୍ତନ ସେନା ଅଧିକାରୀ ବିଶ୍ୱଜିତ ବସୁ କୁହନ୍ତି, ଜମ୍ବୁ ଦ୍ୱୀପ ଇତିହାସ ସମ୍ପର୍କରେ ଅଜାଙ୍କଠାରୁ ଶୁଣିଛି। ଏହି ଅଞ୍ଚଳଟି ଖୁବ୍ ଘଞ୍ଚ ଜଙ୍ଗଲ ଥିବାରୁ ଦିନରେ ବାହାରକୁ ବାହାରି ହେଉ ନ ଥିଲା। ଏହି ସ୍ଥାନରେ ଜମ୍ବୁଆଣୀ ନାମକ ବୟସ୍କା ବୃଦ୍ଧା ବାସ କରୁଥିଲେ। ତାହାର ପରିଚୟ ଏବେ ବି ଅସ୍ପଷ୍ଟ ରହିଛି। ତାଙ୍କ ନାମ ଅନୁସାରେ ଜମ୍ବୁ ଦ୍ୱୀପର ନାମକରଣ ହୋଇଛି ବୋଲି କୁହାଯାଏ। ସ୍ଥାନୀୟ ଲୋକମାନେ ଏହି କୋଠାଟି ଅସୁରକ୍ଷିତ ମଣୁଛନ୍ତି। ଏହି କୋଠା ନିକଟରେ ସର୍ବସାଧାରଣ ରାସ୍ତା ଥିବାରୁ ଲୋକମାନେ ଯାତାୟାତବେଳେ ଦୁର୍ଘଟଣାର ଆଶଙ୍କା ରହିଛି। ତୁରନ୍ତ ଏହାକୁ ଉଚ୍ଛେଦ କରିବାକୁ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ଜରାଜୀର୍ଣ୍ଣ ଅବସ୍ଥାରେ ଜମ୍ବୁଠାରେ ବିଶାଳ ବାଲି ସ୍ତୁପ ଉପରେ ଲାଲ୍ କୋଠା।

- ଇଷ୍ଟଇଣ୍ଡିଆ କମ୍ପାନୀ ଦ୍ୱାରା ନିର୍ମିତ ଜମ୍ବୁ ଲାଲ୍ କୋଠା
- ଜମ୍ବୁଆଣୀରୁ ଜମ୍ବୁ ଦ୍ୱୀପ

## ସଂକ୍ଷେପରେ

### ବିଷାକ୍ତ ଖାଦ୍ୟ ଖାଇ ୬ ଗୁରୁତର

**କଳିଙ୍ଗନଗର,୧୫।୯(ଡି.ଏନ.ଏ.):** ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ନିମପଲ୍ଲି ଗାଁରେ ବିଷାକ୍ତ ଖାଦ୍ୟ ଖାଇ ଗୋଟିଏ ପରିବାରର ୬ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଦାନଗଦି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁତରମାନେ ହେଲେ ବିଶ୍ୱଜିତ ମଲ୍ଲିକ(୧୪), ବର୍ଷାରାଣୀ ମଲ୍ଲିକ (୧୧), ତୁଳସି ମଲ୍ଲିକ (୬୫), ଲିଶାରାଣୀ ମଲ୍ଲିକ (୯) ରୁପା ମଲ୍ଲିକ (୨୪) ଓ ତାଙ୍କର ୫ ବର୍ଷର ଝିଅ ସୁଧିରାଣୀ ମଲ୍ଲିକ। ଖବର ଲେଖା ହେବା ପର୍ଯ୍ୟନ୍ତ ସମସ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

### ଯୁବତୀଙ୍କୁ ଦୁର୍ବ୍ୟବହାର, ଠକେଇ ଅଭିଯୋଗ

**କଳିଙ୍ଗନଗର,୧୫।୯(ଡି.ଏନ.ଏ.):** ଜଣେ ସାମାଜିକ କର୍ମୀଙ୍କ ନାମରେ ଦୁର୍ବ୍ୟବହାର ଏବଂ ଠକେଇ ଅଭିଯୋଗ ହୋଇଛି। କେନ୍ଦୁଝର ଜିଲାର ଜଣେ ଯୁବତୀ ଯାଜପୁର ରୋଡ ଥାନାରେ ଏହି ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, କୁଆଖିଆ ଥାନା ଅର୍ନ୍ତଗତ କୁଜିବର ଗ୍ରାମର ଶାସ୍ତ୍ରୀ ବାହାଦୁର ପ୍ରଧାନ(୩୫) ଏକ ଏନଜିଓ ଚଳାଉଛନ୍ତି। ଏହି ଏନଜିଓରେ ସମ୍ପୃକ୍ତା ଯୁବତୀ କାର୍ଯ୍ୟ କରନ୍ତି। ମାତ୍ର ଗତ କିଛି ମାସ ହେବ ଶାସ୍ତ୍ରୀ ତାଙ୍କୁ ଦରମା ଦେଉ ନ ଥିଲେ। ତେଣୁ ସେ ଦରମା ମାଗିବାରୁ ଶାସ୍ତ୍ରୀ ତାଙ୍କୁ ଦୁର୍ବ୍ୟବହାର କରିବା ସହିତ ବିଭିନ୍ନ ଧମକଚମକ ଦେଉଥିଲେ। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ନଂ.୪୭୩/୨୨ ରୁଜୁ କରିବା ସହ ଅଭିଯୁକ୍ତ ଶାସ୍ତ୍ରୀଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ମାମଲାକୁ ଚାପି ଦେବାକୁ ମସୁଧା ଚାଲିଥିବା ଚର୍ଚ୍ଚା ଜୋର ଜୋର ଧରିଛି। ଏ ସମ୍ପର୍କରେ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ଏଥିରେ କୌଣସି ସତ୍ୟତା ନ ଥିବା ସେ କହିଛନ୍ତି।

### ଧାନମଣ୍ଡଳ ଷ୍ଟେଶନରେ ଏକ୍ସପ୍ରେସ୍ ଟ୍ରେନ୍ ରହଣି ଦାବି

**ଚଣ୍ଡିଖୋଲ,୧୫।୯(ଡି.ଏନ.ଏ.):** ପୂର୍ବତଟ ରେଳପଥର ଧାନମଣ୍ଡଳ ରେଳ ଷ୍ଟେଶନରେ ଏକ୍ସପ୍ରେସ୍ ଟ୍ରେନ ରହଣି ଦାବି ହୋଇଛି। ଏନେଇ ଗୁରୁବାର ଷ୍ଟେଶନ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବୃହତ୍ତର ଓଡ଼ିଶା ମୁକ୍ତି ସାମ୍ମୁଖ୍ୟର ବଡ଼ଚଣା ଶାଖା ପକ୍ଷରୁ ଆୟୋଜିତ ଧାରଣାରେ ବାଙ୍ଗିରିପୋଷି-ଭୁବନେଶ୍ୱର ଇଣ୍ଟର ସିଟି ଏକ୍ସପ୍ରେସ ସମେତ ଅନ୍ୟ ଟ୍ରେନ ଗୁଡ଼ିକ ରହଣି ପାଇଁ ଦାବି ଜୋର ଧରିଥିଲା। ମୁକ୍ତି ସାମ୍ମୁଖ୍ୟ ସଭାପତି ପ୍ରଫୁଲ୍ଲ କୁମାର ମହଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଧାରଣାରେ ଶତାଧିକ ସ୍ଥାନୀୟ ଲୋକ ଯୋଗଦେଇ ଧାନ ମଣ୍ଡଳ ଏକ ପ୍ରମୁଖ ଷ୍ଟେସନ ହୋଇଥିବା ବେଳେ କୌଣସି ଏକ୍ସପ୍ରେସ ଟ୍ରେନ ରହୁନାହିଁ, ଯଦ୍ୱାରା ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ କଟକ କିମ୍ବା ଭୁବନେଶ୍ୱର ଯିବାକୁ ପଡୁଛି ବୋଲି କହିଥିଲେ। ତେଣୁ ଏଠାରେ ଏକ୍ସପ୍ରେସ ଟ୍ରେନ ରହିବାକୁ ଦାବି କରାଯାଇଥିଲା। ପରେ ଏସମ୍ପର୍କରେ ରେଳମନ୍ତ୍ରୀଙ୍କୁ ଷ୍ଟେଶନ ମାଷ୍ଟରଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

# ଓଏସ୍‌ସିପିସିଆର୍ ଅଫିସ୍ ଆଗରେ ବସିଲେ ମା’

ଭୁବନେଶ୍ୱର,୧୫।୯ (ବ୍ୟୁରୋ)



ଓଏସ୍‌ସିପିସିଆର୍ ଅଫିସ୍ ଆଗରେ ପିହୁଙ୍କ ମା’ ଧାରଣାରେ ବସିଛନ୍ତି।

**ପିହୁ ନିଖୋଜ ଘଟଣାକୁ ୨ବର୍ଷ ବିତିଲା**

- ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ନିଷ୍ପତ୍ତି
- ସିବିଆଇ ତଦନ୍ତ ଦାବି ଦୋହରାଇଲେ

ବହୁ ଚର୍ଚ୍ଚିତ ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ମଧୁସୂଦନପୁର ଗ୍ରାମର ଲକ୍ଷ୍ମଣ ନାୟକ ଓ ମୋନାଲିସା ନାୟକଙ୍କ ୨ ବର୍ଷର ଶିଶୁକନ୍ୟା ଶୁଭଲକ୍ଷ୍ମୀ ନାୟକ ଓରଫ୍ ପିହୁ ନିଖୋଜ ହେବା ଘଟଣାକୁ ୨ ବର୍ଷ ପୂରିଛି। ଗାଁ ଦାଣ୍ଡରେ ଖେଳୁଥିବାବେଳେ ପିହୁ ନିଖୋଜ ହୋଇଥିଲେ। ଏନେଇ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଏଯାବତ ଖୋଜି ପାଇପାରିନାହିଁ। ଏଥିସହ ପିହୁଙ୍କୁ ଖୋଜିଆଣିବା ଲାଗି ରାଜ୍ୟ ସରକାର ଓ ପୋଲିସ ବିଭାଗର ସମସ୍ତ ନ୍ୟାୟିକା ବ୍ୟବସ୍ଥାରେ ମା’ ମୋନାଲିସା ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ତେଣୁ ନ୍ୟାୟ ସହ ମାମଲାର ସିବିଆଇ ତଦନ୍ତ ଦାବିରେ ମୋନାଲିସା ଯାଜପୁରରୁ ଭୁବନେଶ୍ୱର ଆସି ସଂଘର୍ଷ କରୁଛନ୍ତି। ଏଥିସହ ଗୁରୁବାରଠାରୁ ଅର୍ନିଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଓଏସ୍‌ସିପିସିଆର୍) କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

ମୋନାଲିସାଙ୍କ କହିବାନୁଯାୟୀ, ସିବିଆଇ ତଦନ୍ତ ସୁପାରିଶ କରିବା ପାଇଁ ଅଗଷ୍ଟ ୨୯ରେ ଶିଶୁ ଅଧିକାର ସୁରକ୍ଷା କମିଶନଙ୍କୁ ଲିଖିତ ନିବେଦନ କରିଥିଲେ। ହେଲେ ସରକାର କାହିଁକି ସିବିଆଇ ତଦନ୍ତ ଲାଗି ସୁପାରିଶ କରୁନାହାନ୍ତି ବୋଲି ଏନେଇ ସେ ପ୍ରଶ୍ନ କରିଛନ୍ତି। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ କହିଛନ୍ତି, ଆମ ପକ୍ଷରୁ ସବୁ ପ୍ରୟାସ କରାଯାଉଛି। ଜିଲାପାଳ, ଏସ୍‌ପି ଓ କ୍ରାଇମବ୍ରାଞ୍ଚ ଅଧିକାରୀଙ୍କ ସହ ଆଲୋଚନା କରିଛି। ଏଥିସହ ପିହୁ ମା’ଙ୍କ ଦାବିପତ୍ରକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସୁପାରିଶ କରିଛି, ସେମାନେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ସେହିପରି ଅନୁଗୋଳରେ ମଧ୍ୟ ଗୋଟେ ସୂଚନା ଆସିଲା ୨ ବର୍ଷ ହେଲା ଗୋଟିଏ ଝିଅ ହଜିଥିଲା, ସେ ମିଳିଛି। ଏନେଇ ମୋନାଲିସାଙ୍କୁ ଫଟୋ ଦେଖାଇଥିଲୁ, କିନ୍ତୁ ସେ ତାଙ୍କ ଝିଅ ନୁହେଁ ବୋଲି ମନା କଲେ। କେନ୍ଦ୍ରପଡା, ଅନୁଗୋଳ, ଢେଙ୍କାନାଳ, ଜଗତ୍‌ସିଂପୁର ଜିଲାପାଳଙ୍କୁ ମଧ୍ୟ ଚିଠି ଲେଖିଥିବା ସେ କହିଛନ୍ତି। ଏହି ଘଟଣା ନେଇ ଗୃହ ବିଭାଗ ଓ ସରକାରଙ୍କ ବିଭିନ୍ନ ବିଭାଗ ସହ ଆଲୋଚନ କରିବେ। ଏଥିସହ ସିସିଆଇ ଅନୁଷ୍ଠାନକୁ ବହୁ ନିଖୋଜ ପିଲା ଆସୁଛନ୍ତି। ସୂଚନା ମିଳିଲେ ତୁରନ୍ତ ଜଣାଇବୁ ବୋଲି ସନ୍ଧ୍ୟାବତୀ କହିଛନ୍ତି।

ଏପଟେ କୌଣସି ବ୍ୟକ୍ତି ପିହୁଙ୍କ ସମ୍ପର୍କରେ ଜଣାଇଲେ ପୁରସ୍କାର ଦିଆଯିବ ବୋଲି ବିଞ୍ଝାରପୁର ଥାନା ଆଇଆଇସି ରଞ୍ଜିତ ମହାନ୍ତି ଘୋଷଣା କରିବା ସହ ଏନେଇ ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଯାଇଥିବା ଦେଖିବାକୁ ମିଳିଛି।

# ସ୍ୱାଧୀନତା ସଂଗ୍ରାମୀ ରାଷ୍ଟ୍ରୀୟ ସାମ୍ବିଧାନିକ କଲ୍ୟାଣ କମିଟି ସଦସ୍ୟ ହେଲେ ସଂଗ୍ରାମୀ ନୀଳମଣି ସାମଲ

ଚଣ୍ଡିଖୋଲ,୧୫।୯(ଡି.ଏନ.ଏ.)

କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀମାନଙ୍କ ହିତ ଓ କଲ୍ୟାଣ ନିମନ୍ତେ ଏକ ସ୍ୱାଧୀନତା ସଂଗ୍ରାମୀ ରାଷ୍ଟ୍ରୀୟ ସାମ୍ବିଧାନିକ କମିଟି ଗଠନ କରାଯାଇଛି। ଗୃହ ବିଭାଗ ରାଷ୍ଟ୍ରମନ୍ତ୍ରୀ ଅଜୟ କୁମାର ମିଶ୍ରାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଓଡ଼ିଶାରୁ ବିଶିଷ୍ଟ ସାଧୀନତା ସଂଗ୍ରାମୀ ନୀଳମଣି ସାମଲଙ୍କୁ ସଦସ୍ୟ ଭାବେ ମନୋନୀତ କରାଯାଇଛି। ସାମଲ ଏବେ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ଅଛନ୍ତି। ୯୯ ବର୍ଷୀୟ ସଂଗ୍ରାମୀ ନୀଳମଣିଙ୍କ ଘର ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିପଡ଼ିଆ ଗ୍ରାମରେ। କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ସାମଲଙ୍କ ବ୍ୟତୀତ ପଞ୍ଜାବ, ଗୁଜରାଟ ଓ ମହାରାଷ୍ଟ୍ରର ୩ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ଏହି କମିଟିରେ ସଦସ୍ୟ ଭାବେ ଗ୍ରହଣ କରାଯାଇଛି। ଗତ ୭ତାରିଖରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ତରଫରୁ ପଠାଯାଇ ଥିବା ଚିଠି ଆସି ପହଞ୍ଚିବା ପରେ ବଡ଼ଚଣାରେ ଖୁସିର ଲହରି ଖେଳିଯାଇଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାଶ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଆବାହକ ବିରୂପାକ୍ଷ ତ୍ରିପାଠୀ, ଜିଲା ସଂସ୍କୃତି ପରିଷଦ ସଭ୍ୟ ଶୁଭେନ୍ଦୁ ଭୂୟାଁ ଓ ସରପଞ୍ଚ କିଶୋର କୁମାର ବେହୁରା ପ୍ରମୁଖ ସାମଲଙ୍କୁ କୃତଜ୍ଞତା ଜଣାଇଛନ୍ତି। ସଂଗ୍ରାମୀ ନୀଳମଣି ୩ଥର ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି।



ନୀଳମଣି ସାମଲ

# ଦଶମ ସମେଟିଭ୍ ପରୀକ୍ଷା ଫି’ ପ୍ରତ୍ୟାହାର ଦାବି




ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଯାଜପୁର ଟାଉନ,୧୫।୯(ଡି.ଏନ.ଏ.)

ଦଶମ ଶ୍ରେଣୀ ସମେଟିଭ ପରୀକ୍ଷା ଫି’ ଆଦାୟ ନିଷ୍ପତ୍ତି ପ୍ରତ୍ୟାହାର କରିବା ସହ ଛାତ୍ରୀଛାତ୍ରଙ୍କ ନବମ ଓ ଦଶମରେ ୪ଥର ଫର୍ମ ପୂରଣ ଫି’ ଆଦାୟ ବନ୍ଦ କରିବାକୁ ଦାବି ହୋଇଛି। ଏନେଇ ଯାଜପୁର ଜିଲା ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଆଇଡିଏସ୍‌ଓର ଜିଲା ସମ୍ପାଦିକା ସସ୍ମିତା ଜେନା, ରାଜ୍ୟ କମିଟି ସଭ୍ୟ ପଲ୍ଲୀ ମଲ୍ଲିକ, ଜିଲା କାଉନ୍‌ସିଲ୍ ସଭ୍ୟ ଅଶ୍ୱିନୀ ପ୍ରଧାନ ଏବଂ ମଧୁସ୍ମିତା ସିଂ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ। ଯଦି ଅବିଳମ୍ବେ ଦାବି ପ୍ରତ୍ୟାହାର ନ କରାଯାଏ ତେବେ ଦେଶବ୍ୟାପୀ ଛାତ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଦାବିପତ୍ରରେ ଦର୍ଶାଯାଇଛିଯେ, ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଦଶମ ଶ୍ରେଣୀ ପ୍ରଥମ ସମେଟିଭ୍ ପରୀକ୍ଷା ଫର୍ମ ପୂରଣ ପାଇଁ ୪୨୦ ଟଙ୍କା ଫି’ ଆଦାୟ ନିଷ୍ପତ୍ତି ହୋଇଛି। ଫଳରେ ବର୍ଷକୁ ୨ଟି ସମେଟିଭ ପରୀକ୍ଷା ଫି’ ବାବଦକୁ ୮୪୦ ଟଙ୍କା ଆଦାୟ କରାଯିବ। ତେଣୁ ବହୁ ଗରିବ ପରିବାରର ଛାତ୍ରୀଛାତ୍ର ଟଙ୍କା ଅଭାବରୁ ଫର୍ମପୂରଣ କରି ନ ପାରି ପରୀକ୍ଷା ଦେବାରୁ ବଞ୍ଚିତ ହେବେ। ସମେଟିଭ ପରୀକ୍ଷା ଆଳରେ ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଖରୁ ୪ଥର ଫି’ ଆଦାୟ କରାଯିବ। ଏହି ଭଳି ଫି’ ଆଗରୁ ଆଦାୟ କରାଯାଉ ନ ଥିଲା। ଚଳିତ ବର୍ଷରୁ ଏଭଳି ଫି’ ଆଦାୟ କରିବା ଅନ୍ୟାୟ ବୋଲି ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

# ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ଅଚଳାବସ୍ଥା

ଯାଜପୁର ଟାଉନ,୧୫।୯(ଡି.ଏନ.ଏ.)

ଯାଜପୁର ଜିଲାରେ ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟଗୁଡିକରେ ଶିକ୍ଷକ ଓ କର୍ମଚାରୀ ଅଭାବରୁ ଅଚଳାବସ୍ଥା ସୃଷ୍ଟି ହୋଇଥିବା ଦେଖାଯାଇଛି। ଜିଲାରେ ପାଖାପାଖି ୧୪୫ଟି ସରକାରୀ ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଓ ସରକାରୀ (ଟେକେନ ଓଭର) ବିଦ୍ୟାଳୟରେ ଶିକ୍ଷକ, କର୍ମଚାରୀ ଅବସର ନେବା ପରେ ସେହି ସ୍ଥାନ ପୂରଣ ହୋଇପାରୁନାହିଁ। ଫଳରେ ଦୀର୍ଘଦିନ ଧରି ଏହି ଅଚଳାବସ୍ଥା ସୃଷ୍ଟି ହୋଇଛି ବୋଲି କୁହାଯାଉଛି। ଅଧିକାଂଶ ସ୍କୁଲରେ ୨ ରୁ ୩ଜଣ ଶିକ୍ଷକ ସମସ୍ତ ବିଷୟ ପଢ଼ାଇବାର ଦାୟିତ୍ୱ ନେଇ ଅତିଶୟ ନିରାଶ ହୋଇଥିବା ଦେଖାଦେଇଛି। ସରକାରଙ୍କ ପକ୍ଷରୁ ଅତିଥି ଶିକ୍ଷକ (ଗେଷ୍ଟ ଟିଚର୍) ନିଯୁକ୍ତି ହେବାର ବ୍ୟବସ୍ଥା ଥିବା ବେଳେ ଯାଜପୁର ଜିଲାରେ ତା’ର ଅବହେଳା କରାଯାଇଛି। ଅଚଳାବସ୍ଥା ମଧ୍ୟରେ ଥିବା ବିଦ୍ୟାଳୟ ଗୁଡିକ ମଧ୍ୟରେ ରୁକ୍ମିଣୀଦେବୀ ଗାର୍ଲ୍ସ ହାଇସ୍କୁଲ୍, ବସନ୍ତମଞ୍ଜରୀ ଉଚ୍ଚ ବିଦ୍ୟାଳୟ, ଦୋଳଗୋବିନ୍ଦ ଉଚ୍ଚ ବିଦ୍ୟାଳୟ, ଜବାହରଲାଲ୍ ନେହେରୁ ଉଚ୍ଚ ବିଦ୍ୟାଳୟ ଓ ପରମେଶ୍ୱର ହାଇସ୍କୁଲ ଆଦି ଅନ୍ତର୍ଭୁକ୍ତ। ତେଣୁ ତୁରନ୍ତ ଗେଷ୍ଟ ଟିଚର୍ ନିଯୁକ୍ତି କରାଯାଇ ଏହି ସମସ୍ୟା ଦୂର କରାଯିବା ପାଇଁ ସାଧାରଣରେ ଦାବି ହୋଇଛି।

# ବିଦ୍ୟୁତ୍ ବିଲ୍‌ର ତଦନ୍ତ ଦାବି

## ଗ୍ରାହକଙ୍କୁ ଶୋଷଣ ଅଭିଯୋଗ

ରସୁଲପୁର,୧୫।୯(ଡି.ଏନ.ଏ.)

କୁଆଖିଆ ବିଦ୍ୟୁତ୍ ଡିଭିଜନ ଅଧୀନରେ ଗ୍ରାହକଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟାଟା ପାୱାର ବିଦ୍ୟୁତ୍ ବିଲରେ ଚଞ୍ଚକତା କରି ଗ୍ରାହକଙ୍କଠାରୁ ଅଧିକ ଅର୍ଥ ଆଦାୟ କରୁଛି। ବିଲରେ ସ୍ପଷ୍ଟ ସୂଚନା ନ ରଖି ଗ୍ରାହକଙ୍କୁ ଅନ୍ଧାରରେ ରଖାଯାଇଛି। ଗ୍ରାହକଙ୍କ ବିଲରେ ଅଧିକ ୟୁନିଟ୍ ଦର୍ଶାଇ ମୋଟା ଅଙ୍କର ଅର୍ଥ ଆଦାୟ କରାଯାଉଛି। ଏଭଳି ଜାବତୀୟ ତ୍ରୁଟି ବିଚ୍ୟୁତି ଅଗଷ୍ଟ ମାସ ବିଲରେ ପରିଲକ୍ଷିତ ହୋଇଛି। ତେଣୁ ଏହି ବିଲକୁ ଉଚ୍ଚସ୍ତରୀୟ ତଦନ୍ତ କରିବା ସକାଶେ ଦାବି କରିଛି ଗ୍ରାମାଞ୍ଚଳ ବିଦ୍ୟୁତ୍ ଉପଭୋକ୍ତା ଏକତା ମଞ୍ଚ। ଏହି ଗୋଟିଏ ମାସର ବିଲ୍‌କୁ ତଦନ୍ତ କରାଗଲେ କମ୍ପାନୀର ଅସଲ ଚେହେରା ପଦାରେ ପଡିଯିବ ବୋଲି ମଞ୍ଚ ସଭାପତି ନାରାୟଣ ଜେନା ପ୍ରକାଶ କରିଛନ୍ତି। ବିଲ୍‌ରେ ପୂର୍ବ ମାସର ୟୁନିଟ୍ ଓ ଚଳତି ମାସର ବିଲ ୟୁନିଟ୍ ସମ୍ପର୍କରେ କୌଣସି ସୂଚନା ନାହିଁ। ମିଟରରେ ଦର୍ଶାଯାଉଥିବା ୟୁନିଟ୍ ପରିମାଣ ଓ ବିଲ୍ ୟୁନିଟ୍ ପରିମାଣ ସମ୍ପର୍କରେ ଗ୍ରାହକଙ୍କୁ ସୂଚନା ଦିଆଯାଇନାହିଁ। କମ୍ପାନୀ ପକ୍ଷରୁ ଇଂଲିଶରେ ବିଲ୍ ପ୍ରଦାନ କରାଯାଉଛି। ଏହା ସାଧାରଣ ଗ୍ରାହକଙ୍କ ପାଇଁ ବୁଝିବାରେ ଅସୁବିଧା ହେଉଛି। ଏହାଛଡ଼ା ଗ୍ରାହକଙ୍କ ଘରେ ଲାଗିଥିବା ମିଟରଗୁଡିକ ଇଲେକ୍ଟ୍ରିକାଲ ଇଞ୍ଜିନିୟରଙ୍କ ଦ୍ୱାରା ମାନ ଯାଞ୍ଚ କରାଯାଉନାହିଁ। ଆବଶ୍ୟକତାଠାରୁ ଅଧିକ ବେଗରେ ମିଟର ଘୁରୁଛି। କମ ବିଦ୍ୟୁତ୍ ବିନିଯୋଗକରି ଗ୍ରାହକ ଅଧିକ ବିଲ ବୋଝ ବହୁଛନ୍ତି। ଅଘୋଷିତ ବିଦ୍ୟୁତ୍ କାଟ କରାଯାଉଛି। ବିନାକାରଣରେ ବାରମ୍ବାର ଟ୍ରିପ କରାଯାଉଥିବାରୁ ମିଟରରେ ଅଧିକ ରିଡିଂ ଆସୁଛି। ଏ ସବୁ ଦିଗ ପ୍ରତି ବିଭାଗ ଧ୍ୟାନ ଦେବାକୁ ମଞ୍ଚ ଦାବି କରି କୁଆଖିଆ ବିଦ୍ୟୁତ୍ ଖଣ୍ଡ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛି। ବିଦ୍ୟୁତ୍ ସରବରାହ ଓ ବିଲ ଦେୟ ଆଦି ପରିଚାଳନାରେ ସ୍ୱଚ୍ଛତା ନରହିଲେ ମଞ୍ଚ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ଚେତାବନୀ ଦିଆଯାଇଛି। ବିଭାଗର ତ୍ରୁଟି ବିଚ୍ୟୁତିକୁ ନେଇ ମଞ୍ଚ ଗ୍ରାହକଙ୍କୁ ସଚେତନ କରାଇବା ସହ ଆନ୍ଦୋଳନରେ ସାମିଲ କରାଇବାକୁ ମସୁଧା କରୁଥିବା ଜଣାଯାଇଛି। ଏ ଦିଗରେ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ତେବେ ମଞ୍ଚର ଅଭିଯୋଗ ପରେ ବିଭାଗ ପକ୍ଷରୁ କି ପଦକ୍ଷେପ ନିଆଯାଉଛି ତାହା ଦେଖିବାକୁ ଅପେକ୍ଷା ରହିଛି।

# ବାବା ମୌନାନନ୍ଦ ସରସ୍ୱତୀଙ୍କ ବ୍ରହ୍ମଲୀନ ମହୋତ୍ସବ

ଜେନାପୁର,୧୫।୯(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଚଢ଼େଇଧରା ନିକଟ ମଧୁପୁର ବେଢ଼ା ପର୍ବତ ଶିଖରରେ ଅବସ୍ଥିତ ପ୍ରସିଦ୍ଧ ଶ୍ରୀଗୁରୁ ଆଶ୍ରମ ଓ ସିଦ୍ଧେଶ୍ୱର ପୀଠର ପ୍ରାଣ ପ୍ରତିଷ୍ଠାତା ସନ୍ଥ ଶିରୋମଣି ବାବା ମୌନାନନ୍ଦ ସରସ୍ୱତୀ ମହାରାଜଙ୍କ ୭ମ ବ୍ରହ୍ମଲୀନ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଆଶ୍ରମ ତତ୍ତ୍ୱାବଧାରକ ବାବା ଜ୍ଞାନାନନ୍ଦ ସରସ୍ୱତୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସପ୍ତାହଧରି ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଗବତ ପାରାୟଣ, ମହାଯଜ୍ଞ, ପ୍ରଭୁ ସିଦ୍ଧେଶ୍ୱର ମହାଦେବଙ୍କ ମହାଭିଷେକ, ନାମଯଜ୍ଞ ଓ ସନ୍ଥ ସମାରୋହ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମଲୀନ ସ୍ୱାମୀ ମୌନାନନ୍ଦ ସରସ୍ୱତୀ ମହାରାଜଙ୍କ ସମାଧିପୂଜନ ପୂର୍ବକ ମହାସ୍ନାନ ସମ୍ପନ୍ନ ହୋଇଥିଲା। ସ୍ୱାମୀ ଜ୍ଞାନାନନ୍ଦ ସରସ୍ୱତୀ ମହାରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବକୁ ଉତ୍କଳ ରାଜ୍ୟ ସନ୍ଥ ସଂଯୋଜକ ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ ସଂଯୋଜନା କରିବା ସହ ମୌନାନନ୍ଦ ମହାରାଜଙ୍କ ଆଧ୍ୟାତ୍ମିକ ସାଧନା ଓ ସିଦ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। ବାବା ଶାଶ୍ୱତାନନ୍ଦ ସରସ୍ୱତୀ, କବିନ୍ଦ୍ର ବ୍ରହ୍ମଚାରୀ, ବାବା କୁଞ୍ଜବିହାରୀ ଦାସ, ବାବାଜୀ କୃଷ୍ଣାନନ୍ଦ ଦାସ, ବାବାଜୀ ପ୍ରେମାନନ୍ଦ ଦାସ, ବାବାଜୀ ଧର୍ମାନନ୍ଦ ଦାସ, ବିଶ୍ୱନାଥ ବ୍ରହ୍ମଚାରୀ, ବାବା ଲଳିତ ଦାସ, ବାବା କୈବଲ୍ୟାନନ୍ଦ, ପଣ୍ଡିତ ଦେବବ୍ରତ ଦେବତା, ବିଭୂତିଭୂଷଣ ଦାସଙ୍କ ସହ ଯାଜପୁର, କେନ୍ଦ୍ରାପଡା, କଟକ, କେନ୍ଦୁଝର ଓ ପୁରୀ ଜିଲାର ବିଭିନ୍ନ ସ୍ଥାନରୁ ଶତାଧିକ ସାଧୁସନ୍ଥ ଯୋଗଦେଇ ଆଧ୍ୟାତ୍ମିକ ଚିନ୍ତନ କରିଥିଲେ। ଆଶ୍ରମ ପକ୍ଷରୁ ଖବରଦାତା ତଥା ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ସମସ୍ତ ସାଧୁସନ୍ଥ ଓ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଭକ୍ତ ବାଇଧର ସାହୁ ସସ୍ତ୍ରିକ କର୍ତ୍ତାଭାବେ କର୍ମ ସମ୍ପନ୍ନ କରିଥିଲେ। ଆଶ୍ରମର ଭକ୍ତ ପୂର୍ଣ୍ଣଚନ୍ଦ୍ର ରାଉତ, ଅଜୟ ବେହେରା, ଗଣେଶ୍ୱର ପଣ୍ଡା, ପୀତବାସ ସାହୁ, ବେଣୁଧର ମଲ୍ଲିକ, ଗନ୍ଧର୍ବ ପରିଡା, ରଘୁନାଥ ସାହୁ, ମହେନ୍ଦ୍ର କାନୁନଗୋ, ମହେଶ୍ୱର ପୃଷ୍ଟି, ପ୍ରଭାକର ଦାସ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



ମହୋତ୍ସବରେ ଯୋଗଦେଇଥିବା ସାଧୁସନ୍ଥ।

# ଯାଜପୁର ଜିଲାରେ ଅତିରିକ୍ତ ତହସିଦାରମାନଙ୍କ ବଦଳି

ଯାଜପୁର ଅଫିସ,୧୫।୯

ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନରେ କାର୍ଯ୍ୟରତ ଅତିରିକ୍ତ ତହସିଲଦାରମାନଙ୍କ ବଦଳି ହୋଇଛି। ବିଭାଗର ଉପସଚିବ ପତ୍ର ସଂଖ୍ୟା ୩୦୪୬/୧୪।୯।୨୦୨୨ରେ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ମହାକାଳପଡ଼ାର ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାଶଙ୍କୁ ଦର୍ପଣ ଅତିରିକ୍ତ ତହସିଲଦାର ଭାବେ ବଦଳି କରାଯାଇଛି। ଦର୍ପଣ ଅତିରିକ୍ତ ତହସିଲଦାର ଅଭିଲିପ୍ସା ଦାସଙ୍କୁ କଟକ ବୋର୍ଡ଼ ଅଫ ରେଭିନ୍ୟୁ କାର୍ଯ୍ୟାଳୟକୁ ବଦଳି କରାଯାଇଛି । ଧର୍ମଶାଳା ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ମହାନ୍ତିଙ୍କୁ ଧାମନଗର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ଭଣ୍ଡାରୀପୋଖରୀର ଅତିରିକ୍ତ ତହସିଲଦାର ଡି.ସୂର୍ଯ୍ୟଭୂଷଣଙ୍କୁ ନିଯୁକ୍ତି ମିଳିଛି। ଧର୍ମଶାଳାର ଅନ୍ୟତମ ଅତିରିକ୍ତ ତହସିଲଦାର ଶୁଭସ୍ମିତା ନାୟକଙ୍କ ରସୁଲପୁରର ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ଫିରିଙ୍ଗିଆର ଅତିରିକ୍ତ ତହସିଲଦାର ତପନ ମଲ୍ଲିକଙ୍କୁ ନିଯୁକ୍ତି ମିଳିଛି। ବରୀ ଅତିରିକ୍ତ ତହସିଲଦାର ଭାନୁମତୀ ମାଝିଙ୍କ ନିଆଳି ସବ୍‌ରେଜିଷ୍ଟ୍ରାର ଭାବେ ବଦଳି ହୋଇଥିବାବେଳେ ତାଙ୍କ ସ୍ଥାନରେ ପରଜଙ୍ଗର ଅତିରିକ୍ତ ତହସିଲଦାର ମନୋଜ ମାଝିଙ୍କୁ ନିଯୁକ୍ତି ମିଳିଛି। ଦଶରଥପୁର ଅତିରିକ୍ତ ତହସିଲଦାର ଠାକୁର ଦାସ ନାୟକଙ୍କୁ ବିଞ୍ଝାରପୁର ଅତିରିକ୍ତ ତହସିଲଦାର ଏବଂ ବିଞ୍ଝାରପୁରର ଅତିରିକ୍ତ ତହସିଲଦାର ଆର୍ଯ୍ୟଦିପ୍ତା ଆରଣ୍ୟକା ସାମନ୍ତରାୟଙ୍କୁ ଜଗତପୁର ସବରେଜିଷ୍ଟ୍ରାର ଭାବେ ବଦଳି କରାଯାଇଛି । ଯାଜପୁର ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ ମିଶ୍ରଙ୍କୁ ଧୁଷୁରୀ ସବ୍‌ରେଜିଷ୍ଟ୍ରାର ଭାବେ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ବୌଦ୍ଧ ଅତିରିକ୍ତ ଜିଲାପାଳ ସତ୍ୟଜିତ ମହାପାତ୍ରଙ୍କୁ ନିଯୁକ୍ତି ମିଳିଛି। ଉପରୋକ୍ତ ଅଧିକାରୀଙ୍କୁ ତୁରନ୍ତ ନିର୍ଦ୍ଦିଷ୍ଟ ସ୍ଥାନରେ ଯୋଗଦାନ କରିବାକୁ ନିର୍ଦ୍ଦେଶ ହୋଇଛି।

# ଗୁହାଳ ନିର୍ମାଣ ବିଲ୍ ପାଉନାହାନ୍ତି ହିତାଧିକାରୀ

**ବକେୟା ପାଉଣା ନ ମିଳିଲେ ଆତ୍ମାହୁତି ଧମକ**

ଯାଜପୁର ଅଫିସ,୧୫।୯

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମଜିଏନ୍‌ଆରଇଜିଏସ୍)ରେ ହିତାଧିକାରୀଙ୍କୁ ବର୍ଷକୁ ୧୦୦ଦିନର କାମ ଯୋଗାଇ ଦେବାକୁ ନିର୍ଦ୍ଧାରଣ କରାଯାଇଛି। କିନ୍ତୁ କେତେକ କ୍ଷେତ୍ରରେ ସରକାରୀ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁଁ ହିତାଧିକାରୀମାନେ ନାନା ସମସ୍ୟାରେ ସମ୍ମୁଖିନ ହେବା ସହିତ ମାନସିକ ଚାପରେ ରହୁଛନ୍ତି । ଯାହାର ଏକ ନିଛକ ଉଦାହରଣ ଦେଖିବାକୁ ମିଳୁଛି ଦଶରଥପୁର ବ୍ଲକ ଅଧୀନ ଚମ୍ପେଇପାଳ ପଞ୍ଚାୟତ ତରାଙ୍ଗ ସାଗରପୁର ଗ୍ରାମରେ। ଅଭିଯୋଗ ଅନୁଯାୟୀ, ଏହି ଗ୍ରାମର ଦଳିତ ବିଧବା ମହିଳା ସ୍ମିତା ଦାସ ୧୬।୭।୨୦୨୦ ରେ ଏମ୍‌ଜିଏନଆରଇଜିଏସ୍ ଯୋଜନାରେ ଗୁହାଳ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପାଇଥିଲେ। ସେ ନିର୍ଦ୍ଧାରିତ ସମୟ ମଧ୍ୟରେ ଧାରକରଜ କରି ୧୮।୮।୨୦୨୦ରେ କାମ ଶେଷ କରିଥିଲେ। ଏହି କାର୍ଯ୍ୟରେ ୧ ଲକ୍ଷ ୧୩ ହଜାର ଟଙ୍କାର ବ୍ୟୟ ବରାଦ ହୋଇଥିବାବେଳେ ସେ ମାତ୍ର ୪୮ ହଜାର ଟଙ୍କା ଏକାଧିକ କିସ୍ତିରେ ପାଇଛନ୍ତି। ବଳକା ଟଙ୍କା ପାଇଁ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ଯନ୍ତ୍ରୀ ଓ ବିଡିଓଙ୍କ ନିକଟକୁ ବାରମ୍ବାର ଧାଇଁଥିଲେ ମଧ୍ୟ ବଳକା ଅର୍ଥ ପାଇବାକୁ ସକ୍ଷମ ହୋଇପାରି ନାହାନ୍ତି। ତେଣୁ ବାରମ୍ବାର ଧାରା ଆଣିଥିବା ଲୋକଙ୍କ ତାଗିଦା ଓ ଚାପରେ ସମ୍ମୁଖୀନ ହୋଇ ସ୍ମିତା ଗୁରୁବାର ଏ ସମ୍ପର୍କରେ ଦଶରଥପୁର ବିଡିଓଙ୍କୁ ନିଜର ଅଭିଯୋଗ ଜଣାଇବାକୁ ଆସିଥିଲେ। ପ୍ରଶାସନ ତୁରନ୍ତ ତାଙ୍କର ପ୍ରାପ୍ୟ ନ ଦେଲେ ସେ ବାଧ୍ୟହୋଇ ଆତ୍ମହୂତି ଦେବେ ବୋଲି ସେ ବିଡିଓଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ଫାଇନାଲ ବିଲ କରିବାକୁ ସେ ଲାଞ୍ଚ ଦେବାରେ ଅକ୍ଷମ ହୋଇଥିବାରୁ ଏଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଚର୍ଚ୍ଚା ହେଉଛି।



ଦଶରଥପୁର ବିଡିଓଙ୍କୁ ଅଭିଯୋଗ ଜଣାଇବାକୁ ଆସିଥିବା ମହିଳା।

## ସଂକ୍ଷେପରେ

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



**ଭାପୁର, ୧୫।୯ (ଡି.ଏନ.ଏ.):** ନୟାଗଡ଼ ଜିଲା ଭାପୁର ବ୍ଲକ ଅଧୀନ ଫତେଗଡ଼ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ନାରାୟଣ କର (୮୩)ଙ୍କ ଗୁରୁବାର ଅପରାହ୍ନରେ ପରଲୋକ ଘଟିଛି। ସେ ଜଣେ ସୁସାହିତ୍ୟିକ, ସୁସଙ୍ଗଠକ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ । ଫତେଗଡ଼ ଏବଂ ବିଜୟନଗରରେ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଶିକ୍ଷକତା କରିବା ପରେ ଅବସର ଗ୍ରହଣ କରିଥିଲେ । ଏହାପରେ ସେ ସ୍ଥାନୀୟ ଲୋକଙ୍କୁ ସେବା ଯୋଗାଇ ଆସୁଥିଲେ । ତାଙ୍କ ବିୟୋଗରେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଫତେଗଡ଼ ସରପଞ୍ଚ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି । ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ୫ ଝିଅ, ୨ ପୁଅଙ୍କ ସମେତ ବଡ଼ଜ୍ୱାଇଁ ଯୁବନେତା ସନ୍ତୋଷ ତ୍ରିପାଠୀ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ବଡ଼ପୁଅ ସନ୍ତୋଷ ମୁଖାଗ୍ନି ଦେଇଥିଲେ ।

### ଇନ୍ସପେକ୍ଟରସ୍ତରରେ ଅଦଳବଦଳ

**ବ୍ରହ୍ମପୁର ଅଫିସ,୧୫।୯:** ବ୍ରହ୍ମପୁର ପୋଲିସ୍ ଜିଲାରେ ୬ ଜଣ ଇନ୍ସପେକ୍ଟରଙ୍କସ୍ତରରେ ଅଦଳ ବଦଳ ହୋଇଛି। ଏନେଇ ପୋଲିସ ମୁଖ୍ୟାଳୟରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଟ୍ରାଫିକ ଥାନାଧିକାରୀ ସୁନିଲ କୁମାର ବେହେରାଙ୍କୁ ଜରଡ଼ା ଥାନାକୁ ବଦଳି ହୋଇଥିବା ବେଳେ ମୁଖ୍ୟାଳୟରେ ଥିବା ଇନ୍ସପେକ୍ଟର ରାମ ସୁବ୍ରମଣ୍ୟମ ପ୍ରଧାନଙ୍କୁ ଟ୍ରାଫିକ ଥାନାକୁ ବଦଳି କରାଯାଇଛି। ଅନ୍ୟପକ୍ଷେ ଜରଡ଼ା ଥାନାଧିକାରୀ ଥିବା ଭାବନାନନ୍ଦ ପ୍ରଧାନଙ୍କର ପୋଲିସ ମୁଖ୍ୟାଳୟକୁ ବଦଳି ହୋଇଛି। ମୁଖ୍ୟାଳୟରେ ଥିବା ଇନ୍ସପେକ୍ଟର ଟୁନା ସାମଲଙ୍କୁ ସାଇବର ଥାନାକୁ ଅତିରିକ୍ତ ଥାନା ଅଧିକାରୀ ଭାବେ ବଦଳି ହୋଇଛି।

### ମୋବାଇଲ ଟାୱାର ନିର୍ମାଣ ପାଇଁ ରାଷ୍ଟ୍ରପତିଙ୍କୁ ଚିଠି

**ରମ୍ଭା,୧୫।୯:** ରମ୍ଭା ୧୬ ନଂ. ଜାତୀୟ ରାଜପଥଠାରୁ ୩ କି.ମି. ଗଞ୍ଜାମ ବ୍ଲକ ସାନରାମଚନ୍ଦ୍ରପୁର ପଞ୍ଚାୟତ ବିରୁଳିଗଡ ଗ୍ରାମରେ ମୋବାଇଲ ଯୋଗାଯୋଗ ହୋଇପାରୁନାହିଁ। ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଲେ ସୁଦ୍ଧା କୌଣସି ସୁଫଳ ମିଳିପାରି ନାହିଁ। ସେଥିପାଇଁ ସେହି ଅଞ୍ଚଳର ବାସିନ୍ଦାମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଗଞ୍ଜାମ ଜିଲା ଭାଜପା ସମ୍ପାଦକ ତଥା ଦଳିତ ନେତା ଭୀମସେନ ବେହେରା ଓ ବୁଦ୍ଧିଜୀବୀ ଚିଠି ମାଧ୍ୟମରେ ଜଣାଇଛନ୍ତି।

### ସହକାରୀ ଉପଜିଲାପାଳଙ୍କ ନାଁରେ ଫେକ୍ ଫେସବୁକ୍ ଆକାଉଣ୍ଟ

**ବ୍ରହ୍ମପୁର ଅଫିସ, ୧୫।୯:** ବ୍ରହ୍ମପୁର ସହକାରୀ ଉପଜିଲାପାଳ ବିନୋଦ କୁମାର ବେହେରାଙ୍କ ଫଟୋ ବ୍ୟବହାର କରି କେହି ଦୁର୍ବୃତ୍ତ ତାଙ୍କ ନାଁରେ ଏକ ଜାଲ୍ ଫେସବୁକ୍ ଆକାଉଣ୍ଟ ଖୋଲିଛନ୍ତି। ସେଥିରୁ ବେହେରାଙ୍କ ଫେସବୁକ୍ ବନ୍ଧୁ ମାନଙ୍କୁ ଠକିବା ପାଇଁ ମିଛ ବାର୍ତ୍ତା ପଠାଯାଉଛି। ଉକ୍ତ ଜାଲ୍ ଆକାଉଣ୍ଟକୁ ବ୍ଲକ୍ ସହ ରିପୋର୍ଟ କରିବାକୁ ବେହେରା ତାଙ୍କର ଫେସବୁକ୍ ବନ୍ଧୁମାନଙ୍କୁ ଅନୁରୋଧ କରିଛନ୍ତି। ଗୁରୁବାର ସେ ଏନେଇ ସାଇବର୍ ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଦ୍ୱିତୀୟଥର ପାଇଁ ଏଭଳି ଜାଲ୍ ଫେସବୁକ୍ ଆକାଉଣ୍ଟ ବିନୋଦ ବେହେରାଙ୍କ ନାମରେ ଖୋଲାଯାଇଛି।

# ଖତ ଖାଉଛି ରଥକାଠ

**ନୟାଗଡ଼ ଅଫିସ,୧୫।୯**

- ରକ୍ଷଣାବେକ୍ଷଣ ପାଇଁ ନାହିଁ ପଦକ୍ଷେପ
- ରଥ ନିର୍ମାଣ ପାଇଁ କାଠ ଦେଇ ନ ଥିଲା ବନବିଭାଗ
- ଭକ୍ତଙ୍କ କାଠରେ ନିର୍ମାଣ ହୋଇଥିଲା ରଥ

ନୟାଗଡ଼ ପୁରୁଣା ସହରର ଶ୍ରୀଜଗନ୍ନାଥ ଜୀଉଙ୍କ ରଥ ନିର୍ମାଣ ପାଇଁ ଶାଳ କାଠ ଦେବାକୁ ନୟାଗଡ଼ ବନବିଭାଗ ମନା କରି ଦେବା ପରେ ଚଳିତ ବର୍ଷ ରଥ ନିର୍ମାଣ ହେବା ନେଇ ପ୍ରଶ୍ନ ଉଠିଥିଲା । ଏ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଭକ୍ତମାନେ ପୁରୀ ପରି ନୟାଗଡ଼ରେ ରଥ ନିର୍ମାଣ ପାଇଁ କାଠ ଦାନ କରିଥିଲେ । ଅଧିକ କାଠ ଆସିବାରୁ କିଛି କାଠ ବଳକା ରହିଛି । ସେହି କାଠ ସହିତ ପୁରୁଣା ରଥର କାଠଗୁଡିକ ବାହାରେ ପଡି ରହିଛି। ଗତ କିଛିଦିନ ହେବ ପ୍ରତ୍ୟହ ବର୍ଷା ଲାଗିରହିଛି। ଖରା,ବର୍ଷାରେ ରଥ କାଠ ନଷ୍ଟ ହେବା ଆରମ୍ଭ ହୋଇଛି । ଏହାପରେ ବି ଦେବୋତ୍ତର ବିଭାଗ ସେହି କାଠକୁ ରକ୍ଷଣାବେକ୍ଷଣ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏକଥା ଭକ୍ତମାନେ ଜାଣିବା ପରେ ତୁରନ୍ତ ରଥ କାଠର ରକ୍ଷଣାବେକ୍ଷଣ କରିବାକୁ ଦାବି ହୋଇଛି ।

ନୟାଗଡ଼ ପୁରୁଣା ସହରର ଶ୍ରୀଜଗନ୍ନାଥ ଜୀଉ ଓ ଶରଣକୁଳ ଲଡୁବାବାଙ୍କ ପାର୍ଶ୍ୱ ଦେବତା ଶ୍ରୀଜୀଉଙ୍କ ରଥ ନିର୍ମାଣ ପାଇଁ କାଠ ନୟାଗଡ଼ ବନବିଭାଗ ଯୋଗାଇ ଆସୁଥିଲା । ଉଭୟ ରଥରେ ପୁରୁଣା କାଠ ବ୍ୟବହାର ହେଉଛି । ଯେଉଁ କାଠ ନଷ୍ଟ ହୋଇ ଯାଇଥାଏ ତାହା ନୂଆ ଲାଗିଥାଏ । ପ୍ରତିବର୍ଷ ଆବଶ୍ୟକ କାଠ ଉପଜିଲାପାଳ ଡିଏଫ୍ଓଙ୍କୁ ଚିଠି କରି ଜଣାଇବା ପରେ ମିଳିଥାଏ । ତେବେ ପୁରୀର ଶ୍ରୀଜୀଉ ଓ ଭୁବନେଶ୍ୱରର ଲିଙ୍ଗରାଜଙ୍କ ରଥ ନିର୍ମାଣକୁ ଛାଡିଦେଲେ ଅନ୍ୟ ମନ୍ଦିରର ରଥ ନିର୍ମାଣ ପାଇଁ କାଠ ଦେବାକୁ ପ୍ରୋଭିଜନ ନାହିଁ କହି ଡିଏଫ୍ଓ କ୍ଷମା ଷଡ଼ଙ୍ଗୀ ଏଥର ମନା କରି ଦେଇଥିଲେ । ଯାହାକି ଜଗନ୍ନାଥ ପ୍ରେମୀଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଥିଲା । ପ୍ରତିବର୍ଷ ନୟାଗଡ଼ ଡିଏଫ୍ଓ ରୟାଲଟି ନେଇ ଜବତ କାଠରୁ ଉଭୟ ମନ୍ଦିରକୁ ଆବଶ୍ୟକ କାଠ ଯୋଗାଉଥିଲେ କିପରି ବୋଲି ପ୍ରଶ୍ନ ଉଠିଥିଲା । ଚଳିତ ବର୍ଷ ରଥଯାତ୍ରା ପାଇଁ ଶାଳ କାଠ ଯୋଗାଇବାରେ ଅସୁବିଧା କେଉଁଠି ରହିଲା ବୋଲି କେତେଜଣ ଜଗନ୍ନାଥ ପ୍ରେମୀ ପ୍ରଶ୍ନ କରିଥିଲେ । ଏନେଇ ରଥଯାତ୍ରାର ପ୍ରସ୍ତୁତି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଏପରିକି ରଥର ବଳକା କାଠ ଠିକ୍ ଭାବେ ନ ରଖିବାରୁ ନଷ୍ଟ ହେବା ଓ କାଠ ଅଭାବ ପରିସ୍ଥିତିକୁ ନେଇ କିଛି ସମୟ ଯୁକ୍ତିତର୍କ ଓ ପାଟିତୁଣ୍ଡ ହୋଇଥିଲା । କେତେଜଣ ଭକ୍ତ ରଥ ପାଇଁ କାଠ ଦେବାକୁ ପ୍ରସ୍ତାବ ଦେବା ପରେ ବିବାଦ ଆପେ ଆପେ ହଟି ଯାଇଥିଲା । ଯେଉଁ ଭକ୍ତମାନେ କାଠ ଯୋଗାଇବେ ତା'ର ଏକ ତାଲିକା ପ୍ରସ୍ତୁତ କରି ତୁରନ୍ତ କାଠ ସଂଗ୍ରହ କରିବାକୁ ଦେବୋତ୍ତର ବିଭାଗକୁ ଉପଜିଲାପାଳ ଲଗ୍ନଜିତ୍ ରାଉତ ନିର୍ଦ୍ଦେଶ ଦେଇଥିଲେ । ବୈଠକର ପରବର୍ତ୍ତୀ ସମୟରେ ଭକ୍ତମାନେ ରଥ ପାଇଁ କାଠ ଯୋଗାଇଥିଲେ । ଭକ୍ତଙ୍କ କାଠରେ ନିର୍ମାଣ ହୋଇଥିଲା ରଥ । ଏନେଇ ନୟାଗଡ ଦେବୋତ୍ତର ବିଭାଗର ମ୍ୟାନେଜର ତାପସ ପଟ୍ଟନାୟକ କୁହନ୍ତି, ରଥ କାଠ ନଷ୍ଟ ହେଉଥିବା ଦେଖି ଏକ ସ୍ଥାୟୀ ଘର କରିବାକୁ ୪ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇଛି। ଖୁବ୍‌ଶୀଘ୍ର ଘର ନିର୍ମାଣ କରାଯାଇ ରଥ କାଠ ସେଠାରେ ରଖାଯିବ।



ମନ୍ଦିର ନିକଟରେ ପଡ଼ିଥିବା ବଳକା କାଠ ।

### ୧.୮ କେଜି ଅଫିମ ଜବତ, ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୧୫।୯**

ଅବକାରୀ ଗୋଇନ୍ଦା ବିଭାଗ ଏକ ଘର ଭିତରୁ ଅଫିମ ଜବତ କରିଛି। ଏହି କାରବାର କରୁଥିବା ଗଣ୍ଡଳା ଗ୍ରାମର ଶରତ କୁମାର ସାବତଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୧ କେଜି ୮୦୦ଗ୍ରାମ ଅଫିମ ଜବତ ହୋଇଛି। ଗୁରୁବାର ଶରତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଗୋଇନ୍ଦା ଉପ ଆୟୁକ୍ତ (ଡେପୁଟି କମିଶନର, ଦକ୍ଷିଣାଞ୍ଚଳ) ଅଶୋକ କୁମାର ଶତପଥୀ ସୂଚନା ଦେଇଛନ୍ତି। କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ପ୍ରକାଶ ଯେ, ଅବକାରୀ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଅଫିମ କାରବାର ହେଉଥିବା ନେଇ ଏଏସ୍ଆଇ ସୁରେନ୍ଦ୍ର ବେହେରା ଖବର ପାଇଥିଲେ। ପରେ ଇନ୍ସପେକ୍ଟର ଗୀତାଞ୍ଜଳି ସାହୁ ଓ ଟିମ୍ ଗଣ୍ଡଳା ଗ୍ରାମରେ ରହୁଥିବା ଶରତଙ୍କ ଘରେ ଚଢ଼ାଉ କରିଥିଲେ। ସେଠାରୁ ଅଫିମ ଜବତ କରିବା ସହ ସେ ବିକ୍ରି କରି ନିଜ ପାଖରେ ରଖିଥିବା ୧୮୦୦ ଟଙ୍କାକୁ ମଧ୍ୟ ଜବତ କରିଥିଲା। ଶରତ ଏହି ଅଫିମ କେଉଁଠାରୁ ଆଣୁଛନ୍ତି ଓ ଜିଲାର କେଉଁ କେଉଁ ଅଞ୍ଚଳରେ ତାହା ବିକ୍ରି କରୁଛି ତାହା ଏବେ ସ୍ପଷ୍ଟ ହୋଇ ପାରିନାହିଁ। ଘଟଣାର ତଦନ୍ତ ଜାରି ରହିଛି। ଆବଶ୍ୟକ ହେଲେ ଅଭିଯୁକ୍ତ ଶରତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଅବକାରୀ ଡେପୁଟି କମିଶନର ଶତପଥୀ କହିଛନ୍ତି।

## କୋର୍ଟଙ୍କ ହସ୍ତକ୍ଷେପ ପରେ ରୁଜୁ ହେଲା ମାମଲା

### ବୃଦ୍ଧାବୃଦ୍ଧଙ୍କ ନାଁରେ ଡୋନେଶନ ଅର୍ଥ ଆତ୍ମସାତ୍ ଘଟଣା

**ନୟାଗଡ଼ ଅଫିସ,୧୫।୯**

ନୟାଗଡ଼ ସହର ଲେଖନପୁରସ୍ଥିତ ସମର୍ପଣ ବୃଦ୍ଧାଶ୍ରମରେ ଲୋକଙ୍କ ଡୋନେଶନ ପ୍ରାୟ ୨୮ ଲକ୍ଷ ଟଙ୍କାକୁ ମନଇଚ୍ଛା ଖର୍ଚ୍ଚ କରାଯାଇ ଆତ୍ମସାତ୍ କରାଯାଉଥିବା ପରି ସଙ୍ଗୀନ ଅଭିଯୋଗ ଘଟଣା ଚପି ଯାଇଥିଲା । ହେଲେ କୋର୍ଟଙ୍କ ହସ୍ତକ୍ଷେପ ପରେ ୪ମାସ ପରେ ନୟାଗଡ଼ ଟାଉନ ଥାନା ପୋଲିସ ଏକ ମାମଲା(୧୨୫/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ଏନେଇ ଅଭିଯୋଗକାରୀ ପ୍ରମୋଦ ପଟ୍ଟନାୟକ କୁହନ୍ତି,୨୮ ଲକ୍ଷ ଟଙ୍କା ଦୁର୍ନୀତି ସମ୍ପର୍କରେ ଜିଲାପାଳଙ୍କୁ ବହୁ ଦିନ ହେଲା ଜଣାଇଥିଲି । ହେଲେ ସେ କିଛି ପଦକ୍ଷେପ ନେଲେ ନାହିଁ । ଏନେଇ ନୟାଗଡ଼ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁଙ୍କୁ ଅବଗତ କରାଇବା ପରେ ସବୁ କିଛି ଯେପରି ଠିକ୍ ଚାଲିବ ସେ ନେଇ ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କୁ ତାଗିଦ୍ କରିଥିଲେ। ହେଲେ ସୁଫଳ ମିଳିଲାନି । ସେହିଭଳି ଏନେଇ ରେଜେଷ୍ଟ୍ରି ପୋଷ୍ଟରେ ନୟାଗଡ଼ ଟାଉନ ଥାନାକୁ ଅଭିଯୋଗ ପଠାଇଥିଲି। ହେଲେ ଥାନା ପକ୍ଷରୁ ଏହାକୁ ଫେରାଇ ଦିଆଗଲା । ଶେଷରେ ଏପ୍ରିଲ ୨୧ରେ ଥାନାକୁ ଯାଇ ଅଭିଯୋଗ କରିଥିଲି। ଏପରିକି ଏସ୍‌ପିଙ୍କୁ ମଧ୍ୟ ଲିଖିତ ଭାବେ ଅବଗତ କରାଇଥିଲି । ହେଲେ କିଛି ସୁଫଳ ମିଳି ନ ଥିଲା। ଶେଷରେ ନ୍ୟାୟ ପାଇଁ ନୟାଗଡ଼ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଅଭିଯୋଗ କରିବା ପରେ ପୋଲିସ ବାଧ୍ୟ ହୋଇ ମାମଲା ରୁଜୁ କରିଛି । ଅନ୍ୟପକ୍ଷେ ସେ ସମୟର ଅଭିଯୋଗ ଅନୁସାରେ ସମର୍ପଣ ବୃଦ୍ଧାଶ୍ରମ ୨୦୧୯ ଏପ୍ରିଲ ୧ରୁ କାମ କରୁଛି । ଏଥିରେ ଜିଲାପାଳ ସଭାପତି ଅଛନ୍ତି । ଏହି ଅନୁଷ୍ଠାନ ୧୮୬୦ ଆକ୍ଟରେ ପଞ୍ଜୀକୃତ ହୋଇଛି । ଅନୁଷ୍ଠାନକୁ ସରକାରୀ ଅନୁଦାନ ଆସି ନାହିଁ । ଲୋକଙ୍କ ଡୋନେସନ ଅର୍ଥରେ ବୃଦ୍ଧାଶ୍ରମରେ ବୃଦ୍ଧବୃଦ୍ଧାଙ୍କୁ ଭରଣ ପୋଷଣ କରାଯାଉଛି। ଅନୁଷ୍ଠାନର ତତ୍କାଳୀନ ସମ୍ପାଦକ ଅରୁଣ ମହାନ୍ତି ଓ କୋଷାଧ୍ୟକ୍ଷ ଧିରେନ କୁମାର ପଟ୍ଟନାୟକ ପ୍ରାୟ ୨୮ ମାସ ହେଲା ବୃଦ୍ଧାଶ୍ରମ ଦାୟିତ୍ୱରେ ରହି ଅନିୟମିତତା କରୁଥିଲେ। ସମର୍ପଣର ସଭା ଠିକରେ କରୁ ନାହାନ୍ତି। ରିଜୋଲେଶନ ନ କରି ଲୋକଙ୍କ ଡୋନେସନ ଅର୍ଥକୁ ବୃଦ୍ଧାବୃଦ୍ଧଙ୍କ ପାଇଁ ଖର୍ଚ୍ଚ ଦେଖାଇ ଆତ୍ମସାତ କରୁଛନ୍ତି। ପ୍ରାୟ ୨୮ ଲକ୍ଷ ଟଙ୍କା ଇତି ମଧ୍ୟରେ ବ୍ୟାଙ୍କରୁ ଉଠାଣ କରି ଖର୍ଚ୍ଚ ଦେଖାଇ ସାରିଲେଣି । ଏହାର ତଦନ୍ତ କରାଗଲେ ପ୍ରକୃତ ୨୮ ଲକ୍ଷ ଘୋଟାଲାର ପର୍ଦ୍ଦାଫାସ ହେବ। ପ୍ରମଦେଙ୍କ ଅଭିଯୋଗ ପରେ କର୍ମକର୍ତ୍ତା ବଦଳି ଯାଇଛନ୍ତି । ହେଲେ ଘୋଟାଲାର ତଦନ୍ତ ହୋଇ ନ ଥିଲା ବୋଲି ଅଭିଯୋଗ ହୋଇ ଆସୁଥିଲା ।

## ବଧୂହତ୍ୟା ଅଭିଯୋଗରେ ଶାଶୁ, ଶ୍ୱଶୁର ସମେତ ୪ ଜେଲ ଗଲେ

**ଓଡ଼ଗାଁ,୧୫।୯ (ସ୍ୱ.ପ୍ର.)**

ମଙ୍ଗଳବାର ସ୍ଥାନୀୟ ଆଦର୍ଶ ଥାନା ଅନ୍ତର୍ଗତ ଷ୍ଟୁଡିଓ ଛକରେ ଘଟିଥିବା ବଧୂ ହତ୍ୟା ଘଟଣାରେ ୪ ଜଣ ଜେଲ ଯାଇଛନ୍ତି । ପୋଲିସ ମୃତକ ସୋନାଲି ମିଶ୍ରଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତି କରି ୭ ଜଣଙ୍କ ବିରୋଧରେ ଏକ ମାମଲା (ନଂ.୧୪୨/୨୨) ରୁଜୁ କରି ତଦନ୍ତ ଚଳାଇଥିଲା । ପୋଲିସ ସୋନାଲିଙ୍କ ଝୁଲନ୍ତା ମୃତଦେହ ଜବତ କରିଥିଲା । ଏହି ଘଟଣାରେ ଶାଶୁ ଝରଣା ମିଶ୍ର (୬୦), ଶ୍ୱଶୁର ପ୍ରକାଶ ମିଶ୍ର (୬୫), ସହଯୋଗୀ ଜଗନ ଗୌଡ଼ (୨୨), ଦିଲ୍ଲୀପ କୁମାର ସାହୁ (୨୨) ଓ ଆଇ

### ସ୍ୱାମୀ ଫେରାର

ଶାଶୁଙ୍କୁ ଘଟଣା ପରଠାରୁ ପୋଲିସ ଅଟକ ରଖି ପଚାରୁଚୁରା କରୁଥିଲା । ବୟସାଧିକ କାରଣଙ୍କୁ ଆଇ ଶାଶୁଙ୍କୁ ବ୍ୟକ୍ତିଗତ ମୁଚଲିକାରେ ପୋଲିସ ତଦନ୍ତରେ ସହଯୋଗ କରିବା ସର୍ତ୍ତରେ ଛାଡ଼ିଦେଇଛି। ଅନ୍ୟ ୪ ଅଭିଯୁକ୍ତଙ୍କୁ ଗୁରୁବାର ପୋଲିସ କୋର୍ଟ ଚାଲାଣ କରିଥିଲା । ଜାମିନ ଆବେଦନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ ସୂଚନା ଦେଇଛନ୍ତି । ତେବେ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସୋନାଲିଙ୍କ ସ୍ୱାମୀ ଫେରାର ଅଛନ୍ତି ।

## ନୀଳମାଧବ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ଖଣ୍ଡପଡ଼ା,୧୫।୯(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନରେ କଲେଜର ଅଧ୍ୟାପକ, ଅଣଶିକ୍ଷକ, କର୍ମଚାରୀଙ୍କ ସହିତ ଛାତ୍ରୀଛାତ୍ରମାନେ ନୀଳମାଧବ ଜୀଉଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ସେଠାରେ ଶ୍ରୀଜୀଉଙ୍କ ସର୍ବାଙ୍ଗ ଲାଗି ହୋଇଥିବା ବେଳେ ବେଦ ଧ୍ୱନି ଓ ଶାନ୍ତି ପାଠ କରାଯାଇଥିଲା । ପରେ କଲେଜର ଉନ୍ନତି ତଥା ବିକାଶ ଦିଗରେ ସମସ୍ତେ ବ୍ରତୀ ହେବା ପାଇଁ ଶପଥ ନେଇଥିଲେ। ପରେ କଲେଜ ପରିସରରେ ଥିବା ମହାବିଦ୍ୟାଳୟର ପ୍ରତିଷ୍ଠାତା ସତ୍ୟ ସୁନ୍ଦର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ମିଶ୍ର ଓ ସହକର୍ମୀମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ଏହି ଅବସରରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଉପାଧ୍ୟକ୍ଷ ପ୍ରଫେସର ଈଶ୍ୱର ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସମାବେଶରେ ମୁଖ୍ୟବକ୍ତା ଭାବେ ଅଧ୍ୟକ୍ଷ ମିଶ୍ର ଯୋଗଦେଇ କଲେଜର ଇତିହାସ ସହିତ ସ୍ଥାନୀୟ ଅଞ୍ଚଳରେ ଉଚ୍ଚ ଶିକ୍ଷାର ବିକାଶ ଲାଗି ଅଞ୍ଚଳବାସୀଙ୍କ ଓ ସ୍ୱର୍ଗତ ମିଶ୍ରଙ୍କ ଅବଦାନ ବର୍ଣ୍ଣନା କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଡ. ନୀରୋଦ କୁମାର ମନ୍ତ୍ରୀ, ଓମ୍ ପ୍ରକାଶ ସାହୁ, ରମେଶ ଚନ୍ଦ୍ର ପାଢୀ, ହୃଷୀକେଶ ମିଶ୍ର, ଅଧ୍ୟାପିକା ସରଳା ବେହେରା, ସ୍ୱାଗତିକା ସାଗରିକା କଅଁର, ବରିଷ୍ଠ ସେକ୍ସନ ଅଫିସର ଲକ୍ଷ୍ମୀଧର ଚିନରା, ଦିଲୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନର ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ସମାବେଶରେ ଅଧ୍ୟକ୍ଷ ମିଶ୍ର ଛାତ୍ରୀଛାତ୍ରମାନଙ୍କୁ ଭବିଷ୍ୟତରେ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ ।



ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତିରେ ଛାତ୍ରୀଛାତ୍ର ଓ ଅଧ୍ୟାପକମାନେ ମାଲ୍ୟାର୍ପଣ କରୁଛନ୍ତି ।

## ଚୋରି ପାଣି ପମ୍ପ୍ ଜବତ, ୨ ଜେଲ୍ ଗଲେ

**ଭାପୁର,୧୫।୯ (ଡି.ଏନ୍.ଏ.)**

ଫତେଗଡ଼ ଥାନା ଭାପୁର ସଦର ଅଧୀନ ଭାପୁର ଅଙ୍ଗନୱାଡି କେନ୍ଦ୍ର-୨ରୁ ଚୋରି ହୋଇଥିବା ପାଣି ପମ୍ପ ଜବତ ହୋଇଛି। ଏହି ଘଟଣାରେ ପୋଲିସ ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଶାଳବଣୀ ପାର୍ବତୀପୁର ଗ୍ରାମର ଶରତ କୁମାର ପରିଡା (୨୫) ଓ ଚନ୍ଦନ ନାଏକ (୧୯) । ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଙ୍ଗନୱାଡି କେନ୍ଦ୍ର-୨ର ସହାୟିକା ସୁଲୋଚନା ବାରିକଙ୍କ ଅଭିଯୋଗ ଅନୁଯାୟୀ ସେ ଗତ ୧୨ ତାରିଖରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସି ପାଇପ ଏଣେତେଣେ ପଡିଥିବା ଦେଖିବାକୁ ପାଇଥିଲେ । ଏହାପରେ ବୋରିଂ ପାଣି ପମ୍ପ ଚୋରି ହୋଇଥିବା ଜାଣିବା ପରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଥିଲେ । ଗତ ୧୪ରେ ଏନେଇ ଫତେଗଡ଼ ଥାନରେ ଲିଖିତ ଅଭିଯୋଗ କରାଯାଇଥିଲା । ଫତେଗଡ଼ ଥାନା ପୋଲିସ ଏକ ମାମଲା (ନଂ.୧୭୭/୨୨) ରୁଜୁ କରି ତଦନ୍ତ ଚାଲୁ ରଖିଥିଲା ।



ଗିରଫ ୨ ଯୁବକ।

## ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ

### ନାବାଳିକା ବଳାତ୍କାର ମାମଲା

**ବ୍ରହ୍ମପୁର ଅଫିସ,୧୫।୯**

ଜନୈକା ନାବାଳିକାଙ୍କୁ ବଳାତ୍କାର ମାମଲାର ଅଭିଯୁକ୍ତ ପବନା ଚର୍ଚ୍ଚିଙ୍କୁ ଜାମିନ ପାଇଁ ସ୍ୱତନ୍ତ୍ର ପୋକ୍‌ସୋ ଜଜ ବିକ୍ରମ ପଟ୍ଟନାୟକ କୋର୍ଟରେ ମୁଦାଲାଙ୍କ ପକ୍ଷରୁ ତାଙ୍କ ଓକିଲ ଆବେଦନ କରିଥିଲେ। ସରକାରୀ ଓକିଲ ଉକ୍ତ ଜାମିନର ଦୃଢ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ସରକାରୀ ଓକିଲ ଓ ପ୍ରତିପକ୍ଷଙ୍କ ମଧ୍ୟରେ ଜବାବ ସୁଆଲ ହୋଇଥିଲା। ଶେଷରେ ଜଜ ଏହାର ଶୁଣାଣି କରି ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, ଗତ ମେରେ ପବନା ଚର୍ଚ୍ଚି ତାଙ୍କର ଜଣେ ସମ୍ପର୍କୀୟ ନାବାଳିକା ଝିଅଙ୍କୁ ବଳପୂର୍ବକ ଅପହରଣ କରି ଏକ ଘରେ ରଖିଥିଲେ। ସେଠାରେ ନାବାଳିକାଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ବଳାତ୍କାର କରିଥିଲେ। ପରେ ବେଆଇନ ଭାବେ ତାଙ୍କୁ ବିବାହ କରିଥିଲେ। ପରେ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ। ସମ୍ପୃକ୍ତ ନାବାଳିକା ଜଣଙ୍କ ସେଠାରୁ କୌଶଳକ୍ରମେ ତାଙ୍କ ବାପା ଘରକୁ ଚାଲି ଆସିଥିଲେ। ପରେ ପୀଡ଼ିତା ଜଣଙ୍କ ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନମ୍ବର ୨୮୮/୨୨ ରେ ଅଭିଯୁକ୍ତ ପବନା ଚର୍ଚ୍ଚିଙ୍କୁ ଅଗଷ୍ଟ ୨୦ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେ ବ୍ରହ୍ମପୁର ମଣ୍ଡଳକାରାଗାରରେ ଥିବା ବେଳେ ତାଙ୍କ ଜାମିନ ପାଇଁ ପୋକ୍‌ସୋ କୋର୍ଟରେ ଆବେଦନ କରାଯାଇଥିଲା। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ କୁମାରେଶ ପଣ୍ଡା, ଡି. ପ୍ରସାଦ ପାତ୍ର ଓ ସସ୍ମିତା ପାତ୍ର ମକଦ୍ଦମା ପରିଚାଳନା କରିଥିଲେ।

# ଏବେ ଗାଁମୁହାଁ ନୟାଗଡ଼ ବିଧାୟକ

**ନୟାଗଡ଼ ଅଫିସ,୧୫।୯**

- ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇଲେ
- ଲୋକଙ୍କୁ ଭେଟିଲେ, ସମସ୍ୟା ବୁଝିଲେ

ଏବେ ଗାଁମୁହାଁ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ । ନିଜେ ଘରକୁ ଘର ବୁଲୁଛନ୍ତି। ସାଙ୍ଗରେ ପଞ୍ଚାୟତ ଓ ପୌର ଜନ ପ୍ରତିନିଧିଙ୍କୁ ସାମିଲ କରିଛନ୍ତି । ଲୋକଙ୍କୁ ଭେଟୁଛନ୍ତି, ସମସ୍ୟା ବୁଝୁଛନ୍ତି । ସମାଧାନର ପନ୍ଥା ପଚାରୁଛନ୍ତି । ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ବିକାଶ ପଥର ଆଗେଇ ଚାଲିଛି । ପ୍ରତିଟି ଗାଁକୁ ରାସ୍ତା, ପ୍ରତି ଘରକୁ ପିଇବା ପାଣିର ବ୍ୟବସ୍ଥା ହୋଇଛି ବୋଲି ଲୋକଙ୍କୁ ବୁଝାଉଛନ୍ତି । ଆଗାମୀ ଦିନରେ ଲୋକଙ୍କ ମୌଳିକ ସମସ୍ୟା ହଟିବ । ଅନେକ ବିକାଶ ମୂଳକ କାର୍ଯ୍ୟ କରାଯିବାର ଯୋଜନା ରହିଛି ବୋଲି କହୁଛନ୍ତି। ଗୁରୁବାର ବିଧାୟକ ନୟାଗଡ଼ ନିର୍ବାଚନ ମଣ୍ଡଳୀ ନୟାଗଡ଼ ବ୍ଲକର କ୍ଷେତ୍ରିବରପୁର, ବଳଭଦ୍ରପୁର, ତୁଳସୀପୁର, କଳାହାଣ୍ଡି ଓ ଘଡୁଆଳ ଗାଁକୁ ଯାଇ ଲୋକମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଲୋକସମ୍ପର୍କ ରକ୍ଷା କରିବା ଏବଂ ସେମାନଙ୍କ ସହ ଯୋଡ଼ି ହେବା ପାଇଁ ଜନପ୍ରତିନିଧିମାନେ ଉଦ୍ୟମ କରିବା ଆବଶ୍ୟକ ବୋଲି ବିଧାୟକ କହିଛନ୍ତି।

ଏହି ଅବସରରେ ବିଧାୟକ ସାହୁ ନୟାଗଡ଼ ବ୍ଲକର ବିଭିନ୍ନ ରୂପାନ୍ତରିତ ବିଦ୍ୟାଳୟ ବୁଲି ନିର୍ମାଣ କାର୍ଯ୍ୟର ତଦାରଖ କରିଥିଲେ । ନୟାଗଡ଼ ବ୍ଲକ ଅନ୍ତର୍ଗତ ଶଙ୍ଖେଇ କପିଳେଶ୍ୱର ବିଦ୍ୟାପୀଠ, ନୋଡର ଆଦର୍ଶ ବିଦ୍ୟାଳୟ, ନଚ୍ଛିପୁର ଅଚ୍ୟୁତାନନ୍ଦ ଉଚ୍ଚ ବିଦ୍ୟାଳୟ, କାଳନ୍ଦୀ ସୂର୍ଯ୍ୟ ବିଦ୍ୟାପୀଠକୁ ବିଧାୟକ ପରିଦର୍ଶନ କରିଥିଲେ । ସେହିଭଳି ଶଙ୍ଖେଇ କପିଳେଶ୍ୱର ବିଦ୍ୟାପୀଠରେ ବିଧାୟକ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହ ପାଠ ପଢ଼ାଇଥିଲେ । ସେଠାରେ ଅଭିଭାବକ, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ରୂପାନ୍ତରିତ ବିଦ୍ୟାଳୟ ପ୍ରତିଯୋଗୀତା ମୂଳକ ଶିକ୍ଷା ପାଇଁ ଜରୁରୀ ବୋଲି କହିଥିଲେ । ଶିକ୍ଷା ସହିତ ବୌଦ୍ଧିକ ଶିକ୍ଷା ପ୍ରଦାନ କରିବା ପାଇଁ ବିଧାୟକ ପରାମର୍ଶ ଦେଇଛନ୍ତି । କ୍ରୀଡ଼ାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବାରୁ ଏହା ଉପରେ ଦୃଷ୍ଟି ଦେବାକୁ ବିଧାୟକ ପରାମର୍ଶ ଦେଇଥିଲେ । ବିଧାୟକଙ୍କ ସହ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲା ପରିଷଦ ସଦସ୍ୟ କ୍ଷୀରୋଦ ମହାପାତ୍ର, ସୁବାସ ଚନ୍ଦ୍ର କହଁର, ସରୋଜ ରଣସିଂ, ଆଶିଷ ଅଗ୍ରୱାଲ ଏବଂ ବିଡିଓ ପଦ୍ମଚରଣ ସାହୁ ପ୍ରମୁଖ ସାମିଲ ହୋଇଥିଲେ । ପ୍ରତି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ବିଧାୟକଙ୍କ ସହ ଗାଁକୁ ଗାଁ ବୁଲିଥିଲେ ।



ଗ୍ରାମବାସୀଙ୍କ ସହ ବିଧାୟକ ଆଲୋଚନା କରୁଛନ୍ତି ।

